ସାପ୍ତାହିକ
ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 38 | 17 - 23 September 2023 | Sambalpur | Page- 8 | Invitation Price Rs.10

# ଜି-୨୦ ସମ୍ମିଳନୀରେ ଓଡ଼ିଶାର କଳା, ସଂସ୍କୃତି ଓ ଓଡ଼ିଆଙ୍କ ଅବଦାନ

ନୂଆଦିଲ୍ଲୀ : ଭାରତ ମଣ୍ଡପମ୍‌ରେ ଦୁଇ ଦିନିକିଆ ୨୦ ଶିଖର ସମ୍ମିଳନୀ ଉଦ୍‌ଯାପିତ ହୋଇଛି । ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରି ଭାରତ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛି । ତେବେ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ମିଳନୀରେ ଓଡ଼ିଶାର ସଂସ୍କୃତି ଓ ଓଡ଼ିଆଙ୍କ ଅବଦାନର ଛାପ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଜି ୨୦ ଶିଖର ସମ୍ମିଳନୀ ସ୍ଥଳ ଭାରତ ମଣ୍ଡପମ୍‌ରେ ବିଶ୍ୱନେତା ଓ ପ୍ରତିନିଧିଙ୍କ ପାଇଁ ରାତ୍ରୀ ଭୋଜନର ଆୟୋଜନ ଏକ ପ୍ରମୁଖ ଘଟଣା ରହିଥିଲା । ଭାରତର ପରମ୍ପରା, ରୀତିନୀତି ଏବଂ ବିବିଧତାକୁ ଧ୍ୟାନରେ ରଖି ରାଷ୍ଟ୍ରପତିଙ୍କ ରାତ୍ରୀ ଭୋଜନ ମେନ୍ୟୁରେ ଶାକାହାରୀ ଖାଦ୍ୟ ରହିଥିଲା । ଐତିହାସିକ ଜି ୨୦ ଶିଖର ସମ୍ମିଳନୀ ଅବସରରେ ଅତିଥିମାନଙ୍କୁ ପ୍ରେସିଡେଣ୍ଟ ଅଫ ଭାରତ ରୂପେ ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତ୍ରଣ ପତ୍ର ବେଶ୍ ଚର୍ଚ୍ଚାରେ ଥିଲା । ସମ୍ମିଳନୀରେ କୋଣାର୍କ ଚକ୍ରର ପୃଷ୍ଠଭୂମିରେ ବିଶ୍ୱନେତାଙ୍କୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ଫଳରେ ସାରା ବିଶ୍ୱ ଓଡ଼ିଶାର ସମୃଦ୍ଧ କଳା ସଂପର୍କରେ ଅବଗତ ହୋଇଛି । ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ କେବଳ ଗୌରବର ମୁହୂର୍ତ୍ତ ନ ଥିଲା, ବରଂ ଓଡ଼ିଶାର ଭାସ୍କର୍ଯ୍ୟ କଳାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିବା ଦିଗରେ ନୂଆ ଧାରା ସୃଷ୍ଟି କଲା । କୋଣାର୍କ ଚକ୍ରର ବିଶେଷତ୍ୱ ଓ କାରୁକାର୍ଯ୍ୟ ସଂପର୍କରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ପ୍ରଧାନମନ୍ତ୍ରୀ ବୁଝାଇବା ପରେ କୋଣାର୍କ ଚକ୍ର ଚର୍ଚ୍ଚାର ପରିସରକୁ ଅଧିକ ମାତ୍ରାରେ ଆସିଥିଲା । ବିଶେଷ କରି ଜି ୨୦ର ଭାରତ ମଣ୍ଡପମ୍ ପରିସରରେ ସ୍ଥାପନ କରାଯାଇଥିବା ଅନ୍ତର୍ଜାତୀୟ



ମିଡିଆ ସେଣ୍ଟରରେ ବିଭିନ୍ନ ଦେଶରୁ ଖବର ପରିବେଷଣ ପାଇଁ ଆସିଥିବା ଗଣମାଧ୍ୟମର ପ୍ରତିନିଧିମାନେ କୋଣାର୍କ ଚକ୍ର ସଂପର୍କରେ ସ୍ୱତନ୍ତ୍ର ରିପୋର୍ଟିଂ କରିଥିଲେ । କୋଣାର୍କ ଚକ୍ରର ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ କରମର୍ଦ୍ଦନ କୂଟନୀତି (ହ୍ୟାଣ୍ଡସେକ୍ ଡିପ୍ଲୋମାସି)ର ଫଟୋଚିତ୍ର ସାରା ବିଶ୍ୱରେ ଛାଇ ହୋଇ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସଫଳ ହୋଇପାରିଥିଲା । ଜି ୨୦ ଶିଖର ସମ୍ମିଳନୀ ଭଳି ଏକ ବଡ଼ ଧରଣର ଅନ୍ତର୍ଜାତୀୟ ସମ୍ମିଳନୀକୁ ସଫଳ ରୂପେ ଆୟୋଜନ କରିବାରେ ଯେଉଁ କେତେଜଣ ଓଡ଼ିଆଙ୍କ ଭୂମିକା ରହିଥିଲା ସେମାନଙ୍କ ମଧ୍ୟରେ ସବୁଠାରୁ ପ୍ରମୁଖ ଭୂମିକା ରହିଥିଲା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କର । ଡକ୍ଟର ମିଶ୍ର ଜି ୨୦ ଶିଖର ସମ୍ମିଳନୀ ପାଇଁ ପ୍ରସ୍ତୁତି ସହ ଜଡ଼ିତ ସମନ୍ୱୟ କମିଟିର ଅଧ୍ୟକ୍ଷ ରୂପେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ସମ୍ମିଳନୀ ଆୟୋଜନ ପାଇଁ ଯୋଜନା ଅନୁଯାୟୀ ସମସ୍ତ କାର୍ଯ୍ୟସଠିକ୍ ଭାବେ କରାଯାଇଛି କି ନାହିଁ ତାହାକୁ ସୁନିଶ୍ଚିତ କରିବା ଲାଗି




ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍‌ସେନା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସେ ନିୟମିତ ସମୀକ୍ଷା କରୁଥିଲେ । ଭାରତ ମଣ୍ଡପମ୍ ସହିତ ରାଜଘାଟ, ସି-ହେକ୍ସାଗନ, ଗେଟ୍, ବିମାନବନ୍ଦରର ଟର୍ମିନାଲ-୩ ଏବଂ ଏହାର ଭିଆଇପି ଲାଉଂଜ, ଏରୋସିଟି କ୍ଷେତ୍ର ସମେତ ପ୍ରାୟ ୨୦ଟି ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଥିଲେ । ଜି ୨୦ ଶିଖର ସମ୍ମିଳନୀର ଉଦ୍‌ଯାପନ ପର୍ଯ୍ୟନ୍ତ ସେ ସମସ୍ତ ବ୍ୟବସ୍ଥା ଉପରେ ନଜର ରଖିବା ସହିତ ଆବଶ୍ୟକ ପରାମର୍ଶ ଦେଉଥିଲେ ।

ଜି ୨୦ ଶିଖର ସମ୍ମିଳନୀ ଅବସରରେ ସମଗ୍ର ଦିଲ୍ଲୀର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଇଥିଲା । ଦିଲ୍ଲୀକୁ ସଂପୂର୍ଣ୍ଣ ରୂପେ ନୂଆ ରୂପ ଦିଆଯାଇଥିଲା । ଏହି ମର୍ମରେ ଦିଲ୍ଲୀ ବିକାଶ ପ୍ରାଧିକରଣର ଉପାଧ୍ୟକ୍ଷ ତଥା ହିମାଚଳ ପ୍ରଦେଶ କ୍ୟାଡରର ଓଡ଼ିଆ ଆଇଏଏସ୍ ଅଧିକାରୀ ଶୁଭାଶିଷ ପଣ୍ଡାଙ୍କ କାର୍ଯ୍ୟ ମଧ ପ୍ରଶଂସନୀୟ ରହିଥିଲା । ତାଙ୍କର ପ୍ରୋତ୍ସାହନରେ ଦିଲ୍ଲୀରେ ସ୍ୱଚ୍ଛତା ଅଭିଯାନ ସହିତ ଅନେକ ଆଖିଦୃଶିଆ ୱାଟର ଫାଉଣ୍ଟେନ୍ ସ୍ଥାପନ କରାଯାଇଥିଲା । ରାଜଧାନୀ ଦିଲ୍ଲୀର ବିବିଧତାକୁ ଦର୍ଶାଇ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ପ୍ରତିମୂର୍ତ୍ତି ଲଗାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଯାହା ଫଳରେ ଖ୍ୟାତନାମା ଓଡ଼ିଆ ସ୍ଥପତି ପଦ୍ମ ବିଭୂଷଣ ସୁଦର୍ଶନ ସାହୁଙ୍କ ଦ୍ୱାରା ତିଆରି ଅନେକ ପ୍ରତିମୂର୍ତ୍ତି ଦିଲ୍ଲୀର ବିଭିନ୍ନ ସ୍ଥାନରେ ଶୋଭା ପାଇଥିଲା । ଶିଖର ସମ୍ମିଳନୀ ପୂର୍ବରୁ ଆୟୋଜିତ ବୈଠକ ଗୁଡ଼ିକରେ ଆର୍ଥିକ ପ୍ରସଙ୍ଗରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଭାରତ ପକ୍ଷକୁ ଜୋରସୋରରେ ଉପସ୍ଥାପନ କରିଥିଲେ । ବିଭିନ୍ନ ଜଟିଳ ଆର୍ଥିକ ପ୍ରସଙ୍ଗରେ ଶ୍ରୀ ଦାସଙ୍କ ସୁପାରିଶ ଓ ପରାମର୍ଶକୁ କେନ୍ଦ୍ର ଅର୍ଥମନ୍ତ୍ରୀ ଗ୍ରହଣ କରିଥିଲେ ଯାହା ଦିଲ୍ଲୀ ଘୋଷଣାନାମା ପ୍ରସ୍ତୁତ ଦିଗରେ ସହାୟକ ହୋଇଥିଲା । ସେହିଭଳି ପୂର୍ବତନ ବୈଦେଶିକ ବ୍ୟାପାର ସଚିବ ଅମରେନ୍ଦ୍ର ଖଟୁଆ ଜି ୨୦ ଟ୍ରେଡ ଆଣ୍ଡ ଇନଭେଷ୍ଟମେଣ୍ଟ ଗୋଷ୍ଠୀର ବିଭିନ୍ନ ଆଲୋଚନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲାବେଳେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ଯୁଗ୍ମ ସଚିବ(କେନ୍ଦ୍ରୀୟ ୟୁରୋପ) ଅରୁଣ ସାହୁ ଜି ୨୦ ଶିଖର ସମ୍ମିଳନୀ ଅବସରରେ ୟୁରୋପୀୟ ସଂଘର ସଦସ୍ୟମାନଙ୍କ ସହିତ ବିଚାରବିମର୍ଶ ପ୍ରକ୍ରିୟାରେ ସାମିଲ ଥିଲେ ।

ଜି ୨୦ ଶିଖର ସମ୍ମିଳନୀ ଅବସରରେ ଓଡ଼ିଶାର ସାଂସ୍କୃତିକ ଝଲକ ମଧ ବିଶ୍ୱନେତାଙ୍କୁ ମୁଗ୍ଧ କରିଥିଲା । ବିଦେଶୀ – ଅତିଥିଙ୍କୁ ସ୍ୱାଗତ କରିବା କ୍ରମରେ ସମ୍ବଲପୁରୀ ଲୋକନୃତ୍ୟ ଡାଲଖାଇ ପରିବେଷଣ କରାଯାଇଥିଲା । ଡାଲଖାଇର ତାଳେ ତାଳେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଏଭା ନାଚିବା ଦୃଶ୍ୟ ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଯାଇଥିଲା । ବିଶ୍ୱ ନେତାଙ୍କ ପତ୍ନୀଙ୍କ ସହିତ ଓଡ଼ିଶାର ଦୁଇ ଜଣ ମହିଳା ଆଦିବାସୀ ମାଣ୍ଡିଆ ଚାଷୀ ସୁବାସା ମହାନ୍ତ ଓ ରାଇମତୀ ଘିଉରିଆ ମାଣ୍ଡିଆ ଚାଷ ଉପରେ ସେମାନଙ୍କ ଅନୁଭୂତି ବଖାଣିବା ଦ୍ୱାରା ମାଣ୍ଡିଆ ଉତ୍ପାଦନର ପ୍ରମୁଖ ରାଜ୍ୟ ଓଡ଼ିଶା ହୋଇଥିବା ଗୁରୁତ୍ୱକୁ ପ୍ରତିପାଦିତ କରିଥିଲା । ସେହିଭଳି ଜି ୨୦ ଶିଖର ସମ୍ମିଳନୀ ଅବସରରେ ବିଦେଶୀ ଅତିଥିମାନଙ୍କୁ ଓଡ଼ିଶାର ବିଭିନ୍ନ ଉତ୍ପାଦ ଓ ସାମଗ୍ରୀ ସଂପର୍କରେ ଅବଗତ କରିବା ପାଇଁ ପ୍ରଗତି ମଇଦାନର ଅନ୍ତର୍ଜାତୀୟ ମିଡିଆ ସେଣ୍ଟର ନିକଟରେ ଥିବା ହଲ୍ ନମ୍ବର ୩ରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଓଡ଼ିଶା ଷ୍ଟଲ୍‌ରେ ରାଜ୍ୟର ବିଭିନ୍ନ କାରୁକାର୍ଯ୍ୟ ଓ ସାମଗ୍ରୀକୁ ପ୍ରଦର୍ଶିତ କରାଯାଇଥିଲା । ଷ୍ଟଲକୁ ବହୁ ସଂଖ୍ୟାରେ ବିଦେଶୀ ପ୍ରତିନିଧି ପରିଦର୍ଶନ କରି ପସନ୍ଦର ସାମଗ୍ରୀ କିଣିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମରିସସ୍ ପ୍ରଧାନମନ୍ତ୍ରୀ, ପ୍ରବୀନ୍ଦ ଜଗନ୍ନାଥଙ୍କ ପତ୍ନୀ କବିତା ଜଗନ୍ନାଥଙ୍କୁ ଓଡ଼ିଶା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଓଢ଼ଣୀ ଉପହାର ଦେଇଥିଲେ । ଗୁଜରାଟ କାରୀଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ସାଗୁଆନ କାଠ ବାକ୍ସରେ ଶ୍ରୀ ମୋଦୀ ଏହି ଉପହାର ଦେଇଥିଲେ ।

# ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ହୋଇଛନ୍ତି । ଆପ୍ରୁଭାଲ ରେଟିଂ ୭୬% ରହିଛି ଯାହାକି ବିଶ୍ୱରେ ସର୍ବାଧିକ ବୋଲି ମର୍ଣ୍ଣିଂ କନ୍‌ସଲ୍ଟ ଦ୍ୱାରା ପ୍ରକାଶିତ 'ଗ୍ଲୋବାଲ ଲିଡର ଆପ୍ରୁଭାଲ' ସର୍ଭେ ରିପୋର୍ଟରେ ଦର୍ଶାଯାଇଛି । ରିପୋର୍ଟରେ ପ୍ରକାଶିତ ତାଲିକାର ଦ୍ୱିତୀୟରେ ଥିବା ସୁଇଜରଲ୍ୟାଣ୍ଡ ରାଷ୍ଟ୍ରପତି ଆଲେନ୍ ବର୍ସେଟଙ୍କଠାରୁ ମୋଦିଙ୍କ ଆପ୍ରୁଭାଲ ରେଟିଂ ୧୨



ପ୍ରତିଶତ ରହିଛି । ଆଲେନଙ୍କ ଆପ୍ରୁଭାଲ ରେଟିଂ ରହିଛି ୬୪% । ଗତ କିଛି ବର୍ଷ ହେଲା ମୋଦି ଏହି ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିରହିଛନ୍ତି । ତାଲିକାର ସପ୍ତମ ସ୍ଥାନରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରହିଛନ୍ତି । ତାଙ୍କ ଆପ୍ରୁଭାଲ ରେଟିଂ ୪୦% ରହିଛି ଯାହା କି ଗତ ମାର୍ଚ୍ଚଠାରୁ ସର୍ବାଧିକ ।

୨୦୨୩ ସେପ୍ଟେମ୍ବର ୬ରୁ ୧୨ ପର୍ଯ୍ୟନ୍ତ ସଂଗୃହୀତ ତଥ୍ୟ ଅନୁସାରେ ମୋଦିଙ୍କ ଡିସ୍ ଆପ୍ରୁଭାଲ ରେଟିଂ ମଧ ସବୁଠୁ କମ୍ ୧୮% ରହିଛି । ଶୀର୍ଷ ୧୦ ନେତାଙ୍କ ମଧ୍ୟରେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଡିସଆପ୍ରୁଭାଲ ରେଟିଂ ସବୁଠୁ ଅଧିକ ୫୮% ରହିଛି । ପଲିଟିକାଲ ଇଣ୍ଟେଲିଜେନ୍ସ ରିସର୍ଚ୍ଚ ଫାର୍ମ ଦ୍ୱାରା ସଂଗୃହୀତ ତଥ୍ୟ ଅନୁସାରେ ୨୨ ବିଶ୍ୱ ନେତାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା । ଏଥିରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୋନ୍ ସୁକ୍ ୟୋଲ ଏବଂ ଚେକ୍ ରିପବ୍ଲିକ୍ ରାଷ୍ଟ୍ରପତି ପେଟ୍ରେ ପାଭେଲଙ୍କ ଆପ୍ରୁଭାଲ ରେଟିଂ ମାତ୍ର ୨୦% ବା ସର୍ବନିମ୍ନ ରହିଛି ।

ଆପ୍ରୁଭାଲ ରେଟିଂ ତାଲିକାର ତୃତୀୟ ସ୍ଥାନରେ ମେକ୍ସିକୋ ରାଷ୍ଟ୍ରପତି ଆଫ୍ରେସ୍ ମାନୁଏଲ ଲୋପେଜ୍ ଓବ୍ରାଡର (୬୧%), ଚତୁର୍ଥରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଡା ସିଲ୍ (୪୯%), ପଞ୍ଚମରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଛୋନି ଆଲବାନିଜ୍ (୪୮%), ତାଙ୍କ ତଳକୁ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲାନି (୪୨%) ରହିଛନ୍ତି । ସେହିଭଳି ତାଲିକାର ଅଷ୍ଟମରେ ଥିବା ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜଙ୍କ ଆପ୍ରୁଭାଲ ରେଟିଂ ୩୯% ରହିଥିଲା ବେଳେ ନବମରେ ଥିବା ଆୟର୍ଲାଣ୍ଡ ପ୍ରଧାନମନ୍ତ୍ରୀ ଲିଓ ଭରଦକରଙ୍କ ଆପ୍ରୁଭାଲ ରେଟିଂ ୩୮% ଏବଂ ଦଶମରେ ଥିବା କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଆପ୍ରୁଭାଲ ରେଟିଂ ୩୭% ରହିଥିବା ଜଣାପଡ଼ିଛି ।

# ଓ.ପି.ଏମ୍ କର୍ତ୍ତୃପକ୍ଷଙ୍କ ହାତରୁ ଜମି ଫେରାଇ ଆଣିବେ ସରକାର !

ଝାରସୁଗୁଡ଼ା : ଶିଳ୍ପ ନାହିଁ ତ ଜମି ନାହିଁ । ଏହି ନ୍ୟାୟରେ ବ୍ରଜରାଜନଗର ଠାରେ ବନ୍ଦ ପଡ଼ିଥିବା ଓରିଏଣ୍ଟ କାଗଜ କଳ ସ୍ଥାନରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ନ ହେଲେ ବିର୍‌ଲା କମ୍ପାନି କର୍ତ୍ତୃପକ୍ଷ ମୂଲ୍ୟବାନ ସରକାରୀ ଜମି ହରାଇ ବସିବେ । ରାଜ୍ୟ ସରକାର କାଗଜକଳ କର୍ତ୍ତୃପକ୍ଷଙ୍କ ହାତରୁ ଲିଜ୍ ଜମି ଫେରାଇ ଆଣିବା ଲାଗି ପଦକ୍ଷେପକୁ ତ୍ୱରାନ୍ୱିତ କରିଛନ୍ତି । ସରକାରଙ୍କ ନିର୍ଦ୍ଦେଶରେ ରିଜମ୍ପସନ ପ୍ରସିଡିଂ ଆରମ୍ଭ କରାଯିବା ସହ ଜମି ଫେରାଇ ଅଣାଯିବା ପାଇଁ ଝାରସୁଗୁଡ଼ା ତହସିଲଦାର ନୋଟିସ ଜାରି କରିଛନ୍ତି । ୧୫ ତାରିଖ ଏହାର ଶୁଣାଣି ଲାଗି ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ଏହି ଦିନ ଓପିଏମ୍ କର୍ତ୍ତୃପକ୍ଷ ନିଜ ପକ୍ଷ ରଖିବାର ସମ୍ଭାବନା ରହିଛି ।

ବ୍ରଜରାଜନଗର ଠାରେ ବିର୍‌ଲା କର୍ତ୍ତୃପକ୍ଷ ଗତ ୧୯୩୮ ମସିହାରେ ଓରିଏଣ୍ଟ କାଗଜ କଳ ପ୍ରତିଷ୍ଠା କରିଥିଲେ । ଦୀର୍ଘ ଦଶନ୍ଧି ଧରି ଉତ୍ପାଦନକ୍ଷମ ରହିବା ପରେ ହଠାତ ଗତ ୧୯୯୯ ମସିହାରେ ସରକାରଙ୍କ ଅନୁମତି ବିନା ତାଲା ଝୁଲାଇ ଦେଇଥିଲେ । ହଜାର ହଜାର ଶ୍ରମିକ କର୍ମଚାରୀଙ୍କ ଚୁଲି ଜଳିବାରେ ସହାୟକ ହୋଇ ଆସିଥିବା ଏହି କାଗଜ କଳରୁ ଧୂଆଁ ବାହାରିବା ବନ୍ଦ ହେବା ପରେ ବହୁ ପରିବାରର ଚୁଲି ଜଳିବା ବନ୍ଦ ହୋଇଗଲା । କାଗଜ କଳ କର୍ତ୍ତୃପକ୍ଷ ସମୁଦାୟ ୮୪୩.୧୦୨ ଏକର ଜମି ଲିଜ୍‌ରେ ନେଇ ସେ ସମୟରେ କାଗଜ କଳ ପ୍ରତିଷ୍ଠା କରିଥିଲେ । ବ୍ରଜରାଜନଗର ଟାଉନ ୟୁନିଟ ନଂ ୧, ୨ ଓ ୩ରେ ଥିବା ଲିଜଭୁକ୍ତ ସମୁଦାୟ ଜମି ମଧ୍ୟରୁ ୧୪୦.୭୯୭ ଏକର ଜମି ଆଦୌ ବ୍ୟବହାର ନ ହୋଇ ପଡ଼ିଆ ରହିଛି । ଅବଶିଷ୍ଟ ଜମିରେ କାଗଜକଳ ପ୍ରତିଷ୍ଠା ସହ ଶ୍ରମିକମାନଙ୍କ କଲୋନି, ରାସ୍ତାଘାଟ ଆଦି ତିଆରି କରାଯାଇଛି । ଆଉ କିଛି ଜମିରେ ୭ଟି ଜନବସତି ଗଢ଼ି ଉଠିଛି । ଲୋକେ ସେଠାରେ ଘରଦ୍ୱାର ତିଆରି କରି ଦୀର୍ଘ ବର୍ଷରୁ ରହୁଛନ୍ତି । ଝାରସୁଗୁଡ଼ା ତହସିଲଦାରଙ୍କ ପକ୍ଷରୁ ପ୍ରଥମେ ଗତ ୨୦୨୧ ମସିହାରେ ଲିଜ୍ ରଦ୍ଦ ଲାଗି ପ୍ରକ୍ରିୟା ଆରମ୍ଭ ପୂର୍ବକ ଓଜିଏଲ୍ଏସ୍ ଆକ୍ଟ-୧୯୬୨ର ଧାରା ୩-ବି ଅନୁଯାୟୀ ନୋଟିସ ଜାରି ସହ ରିଜମ୍ପସନ କେଶ ନଂ ୧/୨୦୨୧ ରୁଜୁ ହୋଇଥିଲା । ପରେ ଗତ ଅଗଷ୍ଟ ୨୫ ତାରିଖ ପତ୍ର ସଂଖ୍ୟା ୪୧୬୬ ଓପିଏମ୍ ଭାଇସ ପ୍ରେସିଡେଣ୍ଟଙ୍କ ଉଦ୍ଦେଶ୍ୟରେ ଜାରି କରି ଏହି ରିଜମ୍ପସନ ପ୍ରସିଡିଂକୁ ଆହୁରି ତ୍ୱରାନ୍ୱିତ କରାଯାଇଛି ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

## ଏ ସଂଖ୍ୟାରେ..


ଦେଶୀ ସ୍ନାକ୍ସ ମଖାନା


ହିତକର ପୋଇ


ସ୍ୱାସ୍ଥ୍ୟକାରୀ କମଳା


ଅଦାର କ୍ଷମତା


ଚର୍ବି ଅଂଶ କମାଇବାର ସହଜ ଉପାୟ


କନ୍ଦମୂଳର ଉପକାରିତା

# ଲଗାତାର ପଞ୍ଚମ ଥର ବାତିଲ ହେଲା ରାମ୍‌କୀର ଜନଶୁଣାଣି





ଝାରସୁଗୁଡ଼ା : ଲଖନପୁର ବ୍ଲକ୍‌ର ଜୁନିଏନ୍‌ଠାରେ ରାମକୀ ଏନଭିରୋ କମ୍ପାନିର ବର୍ଜ୍ୟବସ୍ତୁ ପରିଚାଳନା ସଂରକ୍ଷଣ ଓ ନିଷ୍କାସନ ପ୍ରକଳ୍ପ ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ସମ୍ପର୍କିତ ହେବାକୁଥିବା ଜନଶୁଣାଣି ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧ ଯୋଗୁଁ ବାତିଲ ହୋଇଯାଇଛି । ପୂର୍ବରୁ ବିରୋଧ ସତ୍ତ୍ୱେ ଲଖନପୁର ବାଣୀଝରନ୍ ସ୍ଥିତ ଷ୍ଟାଡିୟମ୍‌ରେ ଏହି ଜନଶୁଣାଣି କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା । ମାତ୍ର ଅପରାହ୍ନ ୫ଟା ଯାଏ କମ୍ପାନି ପ୍ରତିଷ୍ଠା କରାଇ ନଦେବା ଦାବିରେ ବିରୋଧ ଜାରି ରହିବାରୁ ଶେଷରେ ଜନଶୁଣାଣିକୁ ବାତିଲ୍ କରାଯାଇଥିଲା । ଏହି ଘଟଣାକୁ ମିଶାଇ ରାମକୀ କମ୍ପାନିର ଏହି ପ୍ରକଳ୍ପ ନିମନ୍ତେ ଲଗାତାର ପଞ୍ଚମ ଥର ପାଇଁ ଜନଶୁଣାଣି ବାତିଲ୍ ହୋଇଛି । ସକାଳୁ ଜନଶୁଣାଣି ପୂର୍ବରୁ ପ୍ରଥମେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୫୦ରୁ ଅଧିକ ଲୋକ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ । ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାୟକ ଯେମିତି ଜନଶୁଣାଣିକୁ ପହଞ୍ଚି ପାରିବେନି ସେଥିପାଇଁ ଲୋକେ ମୁଖ୍ୟ ଫାଟକରେ ତାଲା ମଧ ପକାଇ ଦେଇଥିଲେ । ପରେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାରେ ଯଥେଷ୍ଟ ବିଳମ୍ବରେ ଆଞ୍ଚଳିକ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଜନଶୁଣାଣି ସ୍ଥଳରେ ପହଞ୍ଚିଥିଲେ । ସେହି ସମୟରେ ସମାନ୍ତରାଳ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ ଶତାଧିକ ଲୋକ ପହଞ୍ଚି ବିରୋଧ ପ୍ରଦର୍ଶନ କରିବା ସହ ରାମକୀ ଗୋ-ବ୍ୟାକ୍ ସ୍ଲୋଗାନ ଦେଇଥିଲେ । ସେପଟେ, ଜନଶୁଣାଣିସ୍ଥଳରେ ମଧ ଉତ୍ୟକ୍ତ ଲୋକଙ୍କ ଦ୍ୱାରା ବିରୋଧ ପ୍ରଦର୍ଶନ ହୋଇଥିଲା । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଶ୍ରୀ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇଙ୍କୁ ଉତ୍ୟକ୍ତ ଲୋକେ ଗେଟ୍ ନିକଟରେ ହିଁ ଅଟକାଇ ଭିତରକୁ ପଶିବାକୁ ଦେଇନଥିଲେ । ଯାହାକୁ ନେଇ ସେଠାରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା । ଅପରାହ୍ନ ସାଢ଼େ ୪ଟା ଯାଏ ଏହି ଛକାପଞ୍ଝା ଲାଗି ରହିଥିଲା । ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜନଶୁଣାଣି କରାଯିବାକୁ ଏକପ୍ରକାର ଜିଦ୍ ହେବା ପରେ ଉତ୍ୟକ୍ତ ଲୋକେ ଷ୍ଟେଜ୍ ଭାଙ୍ଗିବା ସହ ଚେୟାର ଫିଙ୍ଗିଥିଲେ । ସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ପୁଲିସ୍ ମୃଦୁ ଲାଠି ଚାଳନା କରିଥିବା ଦେଖିବାକୁ ମିଳିଥିଲା । ପ୍ରତିବାଦ କରୁଥିବା ପ୍ରାୟ ୨ ଶହ ଲୋକଙ୍କୁ ପୁଲିସ୍ ଘଟଣାସ୍ଥଳରୁ ଉଠାଇ ନେଇଥିଲା । ସନ୍ଧ୍ୟା ଯାଏ ସ୍ଥିତି ନିୟନ୍ତ୍ରଣାଧୀନ ନ ହେବାରୁ ଶେଷରେ ଏହି ଜନଶୁଣାଣି ବାତିଲ୍ ଘୋଷଣା କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ଜୁନିଏନ୍‌ରେ ୬୪ ଏକର କୋଲ୍ ବିୟରିଂ ଜଙ୍ଗଲ ଜମିରେ ରାମକୀ ଏନ୍‌ଭିରୋ କମ୍ପାନିର ପ୍ରତିଷ୍ଠା ହେବାକୁ ବିରୋଧ ହେବାରୁ ପୂର୍ବରୁ ୪ ଥର ଜନଶୁଣାଣି ବାତିଲ୍ ହୋଇସାରିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି କମ୍ପାନୀ ପ୍ରତିଷ୍ଠା ହେଲେ ଗ୍ରାମ ସଂଲଗ୍ନ ୬୩ ଏକର ଜମିରେ ରହିଥିବା ଲକ୍ଷାଧିକ ମୂଲ୍ୟବାନ ଗଛ କାଟିବାକୁ ପଡିବ । ୩୫ ବର୍ଷ ଧରି ଉଭୟେ ଗ୍ରାମବାସୀଙ୍କ ଏବଂ ଜଙ୍ଗଲ ବିଭାଗ ସୃଷ୍ଟି ପାଇଁ କରିଥିବା ଶ୍ରମ ପାଣିରେ ପଡିଯିବ ।

୧୯୯୦ ମସିହାରୁ ଜଙ୍ଗଲ ସୃଷ୍ଟି ପାଇଁ ଗ୍ରାମବାସୀ ଗ୍ରାମ ନିକଟରେ ଥିବା ପତିତ ଜମିରେ ଜଙ୍ଗଲ ସୃଷ୍ଟି ପାଇଁ ନିଷ୍ପତ୍ତି ନେଇଥିଲେ । ଜଙ୍ଗଲ ସୃଷ୍ଟିପାଇଁ ସାମାଜିକ ବନୀକରଣ ମାଧମରେ ବୃକ୍ଷ ରୋପଣ କରିବା ସହ ପ୍ରାକୃତିକ ଭାବରେ ସୃଷ୍ଟି ହେଉଥିବା ବୃକ୍ଷମାନଙ୍କର ଯତ୍ନ ନେବାର ଆରମ୍ଭ କରିଥିଲେ । ଗ୍ରାମବାସୀ ପାଳି କରି ଜଙ୍ଗଲ ଜଗୁଥିଲେ । ୨୦୦୪ ମସିହାରେ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଯାଇ ଜଙ୍ଗଲର ସୁରକ୍ଷା ପାଇଁ କା ମକରି ଆସୁଛନ୍ତି । ୨୦୧୮ ମସିହାରେ ରାଜ୍ୟ ସରକାରଙ୍କ ବନ ବିଭାଗ ଦ୍ୱାରା ଭିଏସ୍‌ଏସ୍ କମିଟି ଗଠନ କରାଯାଇ ଜଙ୍ଗଲ ସୁରକ୍ଷା କରାଯାଇ ଆସୁଛି । ରାମକି କମ୍ପାନୀ ପ୍ରତିଷ୍ଠା ପାଇଁ ଦର୍ଶାଯାଇଥିବା ପ୍ଲଟ ଗୁଡିକ ଯଦିଓ ପତିତ ଜମି ବୋଲି ଦର୍ଶାଯାଇଛି ସେହି ଜମି ଉପରେ ବର୍ତ୍ତମାନ ଜଙ୍ଗଲ ହିଁ ରହିଛି । ସେହି ଜଙ୍ଗଲରେ ବିଭିନ୍ନ ପ୍ରକାରର ମୂଲ୍ୟବାନ ଗଛ ରହିଛି । ରେଙ୍ଗାଲି, ସାହାଜ, ଚାର, ମହୁଲ, କେନ୍ଦୁ, ବାଉଁଶ ଓ ସେହ୍ନା ତଥା ବିଭିନ୍ନ ପ୍ରକାରର ବଡ଼ ବଡ଼ ଗଛ ସହ ମୂଲ୍ୟବାନ ଔଷଧୀୟ ବୃକ୍ଷ ଓ ଲତା ରହିଛି । ଅନେକ ପ୍ରଜାତିର ବନ୍ୟପ୍ରାଣୀ ଯଥା ବାର୍‌ହା, କୁଟୁରା, ଖେରା, ଗୁଏ, ଗୁଣ୍ଡୁଚି ମୂଷା ମାଙ୍କଡ଼ ଏବଂ ମୟୁର ସହ ବହୁ ପ୍ରଜାତିର ସାପ ତଥା ବିଭିନ୍ନ ପ୍ରଜାତିର ପକ୍ଷୀ ବସବାସ କରି ଆସୁଛନ୍ତି । ସେହି ଜଙ୍ଗଲ ଭିତରେ ଜୁନିଏନ ଗ୍ରାମ କରାଯାଇଛି । ଗ୍ରାମବାସୀଙ୍କ ପ୍ରୟାସରେ ପତିତ ଜମି ଉପରେ ଏକ ସୁନ୍ଦର ମନୋରମ ଜଙ୍ଗଲ ସୃଷ୍ଟି ହୋଇପାରିଛି । ଯାହାକି ଜୁନିଏନ ଏବଂ ବାଣ୍ଡିପାହାଡ଼ ଗ୍ରାମର ଜଙ୍ଗଲ ଅଧିକାର କମିଟି ଦ୍ୱାରା ସାମାଜିକ ବନିକରଣ କରାଯାଇ ତାର ରକ୍ଷଣାବେକ୍ଷଣ କରାଯାଉଛ । ଜଙ୍ଗଲଟି ଅଞ୍ଚଳରେ ଲୋକଙ୍କ ଜୀବନ ଜୀବିକାର ମୁଖ୍ୟ ସ୍ରୋତ । ଲଖନପୁର ବ୍ଲକରେ ପରିବେଶ ସନ୍ତୁଳନ ଦିଗରେ ସହାୟକ ହୋଇ ଆସୁଛି । ବ୍ଲକର କୋଇଲା ଖଣି ଯୋଗୁଁ ସମସ୍ତ ଜଙ୍ଗଲ ନଷ୍ଟ ହେବା ନିଶ୍ଚିତ । ଆଗାମୀ ଦିନରେ ଏହି ୬୩ ଏକର ଘଞ୍ଚ ଜଙ୍ଗଲ ହିଁ ଲଖନପୁର ବ୍ଲକର ପରିବେଶ ସନ୍ତୁଳନ ଦିଗରେ ସହାୟକ ହେବ । ଏହି ଜଙ୍ଗଲରେ ପ୍ରତିବର୍ଷ ରାକ୍ଷୀ ପୂର୍ଣିମା ଦିନ ଅଞ୍ଚଳବାସୀ ପୁରୁଣା ଗଛଗୁଡିରେ ରାକ୍ଷୀ ବାନ୍ଧି ଆସୁଛନ୍ତି । ଏହି ଜଙ୍ଗଲ ସହ ଅ*ଳବାସୀଙ୍କ ଏକ ଭଲ ସମ୍ପର୍କ ରହିଛି । ରାମକି କମ୍ପାନୀର କ୍ଷତିକାରକ ବର୍ଜ୍ୟବସ୍ତୁ ପରିଚାଳନା, ସଂରକ୍ଷଣ ଏବଂ ନିଷ୍କାସନ ପ୍ରକଳ୍ପ ପ୍ରତିଷ୍ଠା ହେଲେ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକ ଜୀବିକା ହରାଇବେ । ଅଞ୍ଚଳବାସୀ କମ୍ପାନୀ ପକ୍ଷରୁ ଅଞ୍ଚଳବାସୀ ଜନଶୁଣାଣିକୁ ବିରୋଧ କରିଛନ୍ତି । ଜଙ୍ଗଲର ସୁରକ୍ଷା ପାଇଁ ଆବଶ୍ୟକ ହେଲେ ଜୀବନ ଦେବାକୁ ଗ୍ରାମବାସୀ ଶପଥ ନେଇଛନ୍ତି ।

# ନବଧା ଭକ୍ତି

ଦିନେ ଶବରୀ ବନକୁ ବୁଲି ଯାଇଥିବା ବେଳେ ମତଙ୍ଗ ମୁନିଙ୍କ ସୁନ୍ଦର ଆଶ୍ରମରେ ଯାଇ ପହଞ୍ଚିଲେ । ଜାତି ଆଧାରରେ ତଥାକଥିତ ଧାର୍ମିକ ସମାଜ ଦ୍ୱାରା ଉପେକ୍ଷିତ ଓ ପ୍ରତ୍ୟାଖ୍ୟାତ ଶବରୀ ମତଙ୍ଗ ମୁନିଙ୍କ ଚରଣରେ ମୁଣ୍ଡ ରଖିଦେଲା ଏବଂ ତାଙ୍କର ଶରଣ ମାଗିଲେ ।

ଶବରୀର ଆଖିରୁ ଝରୁଥିବା ଶ୍ରଦ୍ଧା ଓ ଭକ୍ତିର ପବିତ୍ର ଅଶ୍ରୁଧାରକୁ ଦେଖି ବ୍ରହ୍ମଜ୍ଞାନୀ ମତଙ୍ଗ ମୁନିଙ୍କୁ ସେ କୌଣସି ସାଧାରଣ ଯୁବତୀ ନୁହେଁ, ସେ ତ ଶ୍ରଦ୍ଧା ଓ ଭକ୍ତିର ସଜୀବ ପ୍ରତିମୂର୍ତ୍ତି ବୋଲି ବୁଝିବାରେ ବିଳମ୍ବ ହେଲା ନାହିଁ । ସେ ଦେଖିନେଲେ ଯେ ଏଇ ନାରୀର ହୃଦୟରେ ପ୍ରଭୁଭକ୍ତିର ସାଗର ଲହଡ଼ି ଭାଙ୍ଗୁଛି, ଉଦ୍‌ବେଳିତ ହେଉଛି, ଉତ୍ସାହିତ ରହିଛି ଓ ପ୍ରେମର ମେଘରେ ଭରା ତା'ର ହୃଦୟାକାଶ ବରଷିବା ପାଇଁ ସର୍ବଦା ଆକୁଳ-ବ୍ୟାକୁଳ ହେଉଛି ।

ବ୍ରହ୍ମଜ୍ଞାନୀ ମୁନି ଏପରି ଦିବ୍ୟ ଆତ୍ମାକୁ ଶରଣ ଦେବା ପାଇଁ ଭଲା ଅସ୍ୱୀକାର କରିପାରିଥାନ୍ତେ କିପରି ? ତେଣୁ ବ୍ରହ୍ମଜ୍ଞାନୀ ମୁନି ତାକୁ ଶରଣ ଦେଲେ ଓ ଭକ୍ତିର ଜ୍ଞାନ ଦେଲେ । ଭଗବାନଙ୍କ ଚରଣରେ ତା'ର ନିଶ୍ଚଳ ପ୍ରେମକୁ ଦେଖି ସେ ତାକୁ ଗୁରୁଦୀକ୍ଷା ଦେଲେ ଏବଂ ନିତ୍ୟ ନିରନ୍ତର ଭଗବଦ୍ ଉପାସନା କରିବାର ଆଦେଶ ମଧ ଦେଲେ ।

ନିଜର ଶେଷ ସମୟରେ ପରମଧାମକୁ ଯିବା ପୂର୍ବରୁ ଶବରୀକୁ ଆଦେଶ ଦେଇ କହିଲେ – "ତୁମେ ଏଠାରେ ରହିବ । ଏଠାରେ ରହି ଭଗବାନଙ୍କ ଉପାସନା କରିବ । ଦିନେ ଭଗବାନ ଶ୍ରୀରାମ ଓ ଲକ୍ଷ୍ମଣ ଅବଶ୍ୟ ଏଠାକୁ ଆସିବେ ଏବଂ ତୁମେ ତାଙ୍କର ସାକ୍ଷାତ୍ ଦର୍ଶନ ସ୍ତୁତି ପାଇ ପାରିବ । ଶ୍ରୀରାମ ସାକ୍ଷାତ୍ ପରବ୍ରହ୍ମ, ତାଙ୍କର ଦର୍ଶନ ପାଇ ତୁମ ଜୀବନ ସଫଳ ହୋଇଯିବ ।"

ଏହିପରି ସଦ୍‌ଗୁରୁ ଶବରୀର ହୃଦୟରେ ପୂର୍ବରୁ ପ୍ରଜ୍ୱଳିତ ଭକ୍ତିର ଶିଖାକୁ ନିଜର ଜ୍ଞାନ ଦ୍ୱାରା ଆହୁରି ଦୀପ୍ତ, ପ୍ରଦୀପ୍ତ କରି ଦେଲେ । ନିଜର ନିରନ୍ତର ଉପାସନା, ସାଧନା, ଆରାଧନା ବଳରେ ସେ ନିଜର ହୃଦୟରେ ପ୍ରଦୀପ୍ତ ଭକ୍ତିର ଅଗ୍ନିରେ ଶ୍ରଦ୍ଧା, ପ୍ରେମ, ସେବା, ସଞ୍ଚୟର ନିତ୍ୟ ନିରନ୍ତର ଆହୁତି ଦେଇ ଚାଲିଲା, ତାହାକୁ ପ୍ରଦୀପ୍ତ କରି ରଖିଲା, ଜ୍ୱଳନ୍ତ କଲା ଓ ଜାରୀ ରଖିଲା । ସେହି ଅଗ୍ନିରେ ତା'ର ପୂର୍ବ ଓ ବର୍ତ୍ତମାନ ଜନ୍ମଗୁଡ଼ିକର କର୍ମ-ସଂସ୍କାର ଭସ୍ମୀଭୂତ ହୋଇଗଲା ଏବଂ ଶବରୀର ବ୍ୟକ୍ତିତ୍ୱ ସୁବର୍ଣ୍ଣ ହୋଇ ଚମକିଲା, ପରିସ୍ଫୁଟ ହେଲା, ଝଲସିଲା । ତା'ର ଆତ୍ମା ପୂର୍ଣ୍ଣିମାର ଚାନ୍ଦ ଭଳି ଚମକିଲା, ଝଲସିଲା ।

ସେ ନିଜ ଗୁରୁଙ୍କ ଆଦେଶାନୁସାର ପ୍ରଭୁ ଶ୍ରୀରାମଙ୍କ ଆଗମନର ପ୍ରତୀକ୍ଷା କଲା । ଜଣା ନାହିଁ ପ୍ରଭୁ ଶ୍ରୀରାମ କେବେ ବିରାଜିବେ ? ଏଇ ବିଚାର କରି ସେ ସର୍ବଦା ଜାଗ୍ରତ, ପ୍ରସ୍ତୁତ ଓ ପ୍ରଭୁଦର୍ଶନ ପାଇଁ ତତ୍ପର ରହିଲା । ଭକ୍ତକୁ ସର୍ବଦା ଜାଗ୍ରତ ଓ ତତ୍ପର ରହିବାକୁ ପଡ଼େ । ସେ ପ୍ରତିଦିନ ଆଶ୍ରମର ପ୍ରବେଶ ଦ୍ୱାର ପର୍ଯ୍ୟନ୍ତ ମାର୍ଗକୁ ନିଜର କାନିରେ ସଫା କରୁଥିଲା ଏବଂ ସେହି ମାର୍ଗରେ ପୁଷ୍ପ ବିଛାଉଥିଲା । ସେ ପ୍ରତିଦିନ ଏମିତି କରୁଥିଲା । କାରଣ ନିଜ ଗୁରୁଙ୍କ ବଚନ ଉପରେ ତା'ର ଦୃଢ଼ ବିଶ୍ୱାସ ଥିଲା । ଯଦି ଗୁରୁ କହିଛନ୍ତି ଯେ ଭଗବାନ ଏଠାକୁ ଆସିବେ ଓ ଦର୍ଶନ ଦେବେ ତା'ହେଲେ ଅବଶ୍ୟ ଏପରି ହେବ । ଏଥିରେ ତା'ର କୌଣସି ସନ୍ଦେହ ଭ୍ରମ ନ ଥିଲା, ତା'ର ଶ୍ରଦ୍ଧା ଓ ଭକ୍ତି ମଧ ସଚ୍ଚା ଥିଲା, ପକ୍କା ଓ ଦୃଢ଼ ଥିଲା । ସେଥିପାଇଁ ନିଜର ଗୁରୁ, ନିଜର ପ୍ରଭୁଙ୍କ ଉପରେ ତା'ର ଭରସା ଥିଲା । ଶେଷରେ ଶବରୀର ସାଧନା ସଫଳ ହେଲା ଏବଂ ଶବରୀ ଭଗବାନ । ରାମଙ୍କୁ ଲକ୍ଷ୍ମଣଙ୍କ ସହିତ ଜଙ୍ଗଲ ଦିଗରୁ ନିଜର କୁଡ଼ିଆ ଆଡ଼କୁ ଆସୁଥିବାର ଦେଖିଲା । ସେହି ମନୋହର ଦୃଶ୍ୟକୁ ମାନସକାର ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି –

ସରସିଜ ଲୋଚନ ବାହୁ ବିସାଲା ।
ଜଟା ମୁକୁଟ ସିର ଉର
ବନମାଲା । ।
ଶ୍ୟାମ ଗୌର ସୁନ୍ଦର ଦୋଉ
ଭାଈ ।
ସବରୀ ପରୀ ଚରନ ଲପଟାଈ । ।
ପ୍ରେମ ମଗନ ମୁଖ ବଚନ ନ
ଆୱା ।
ପୁନି ପୁନି ପଦ ସରୋଜ ସିର
ନାୱା । ।
ସାଦର ଜଲ ଲୈ ଚରନ
ପଖାରେ ।
ପୁନି ସୁନ୍ଦର ଆସନ ବୈଠାରେ ।
କନ୍ଦ ମୂଳ ଫଳ ସୁରସ ଅତି ଦିଏ
ରାମ କହୁଁ ଆନି ।
ପ୍ରେମ ସହିତ ପ୍ରଭୁ ଖାଏ ବାରମ୍ବାର
ବଖାନି । ।
ପାନି ଜୋରି ଆଗେ ଭଇ ଠାଢ଼ୀ ।
ପ୍ରଭୁହି ବିଲୋକି ପ୍ରୀତି ଅତି
ବାଢ଼ୀ ।
କେହି ବିଧି ଅସ୍ତୁତି କରୌଁ
ତୁମ୍‌ହାରୀ ।
ଅଧମ ଜାତି ମୈଁ ଜଡମତି ଭାରୀ । ।
କହୁ ରଘୁପତି ସୁନୁ ଭାମିନି ବାତା ।
ମାନଉଁ ଏକ ଭଗତି କର ନାତା । ।
ଜାତି ପାଁତି କୁଳ ଧର୍ମ ବଢ଼ାଈ ।
ଧନ ବଲ ପରିଜନ ଗୁନ
ଚତୁରାଈ । ।
ଭଗତି ହୀନ ନର ସୋହଇ
କୈସ । ।
ବିନୁ ଜଲ ବାରିଦ ଦେଖୁ ଜୈସା । ।

ଅର୍ଥାତ୍ କମଳ ସଦୃଶ ଲୋଚନ ଓ ବିଶାଳ ଭୁଜାଧାରୀ, ଶିରରେ ଜଟାର ମୁକୁଟ ଏବଂ ହୃଦୟରେ ବନମାଳା ଧାରଣ କରିଥିବା ଦୁଇ ଭାଇଙ୍କ ଚରଣରେ ଶବରୀ ଲୋଟିଗଲା । ସେ ପ୍ରେମରେ ମଗ୍ନ ହୋଇଗଲା, ମୁଖରୁ ବଚନ ବି ବାହାରିଲା ନାହିଁ । ସେ ବାରମ୍ବାର ପ୍ରଭୁଙ୍କ ଚରଣ କମଳରେ ମଥାନତ କଲା । ସେ ଜଳ ନେଇ ଆଦରପୂର୍ବକ ଦୁଇ ଭାଇଙ୍କ ପାଦ ଧୋଇଦେଲା ଏବଂ ପୁଣି ସେମାନଙ୍କୁ ସୁନ୍ଦର ଆସନ ଉପରେ ବସାଇଲା । ସେ ଅତ୍ୟନ୍ତ ରସାଳ ଓ ସ୍ୱାଦିଷ୍ଟ କନ୍ଦ, ମୂଳ ଓ ଫଳ ଆଣି ଶ୍ରୀରାମଙ୍କୁ ଦେଲା । ପ୍ରଭୁ ମଧ ତାକୁ ପ୍ରଶଂସା କରି ପ୍ରେମ ପୂର୍ବକ ଖାଇଲେ । ତାପରେ ଶବରୀ ପ୍ରଭୁଙ୍କ ସମକ୍ଷରେ ହାତ ଯୋଡ଼ି ଠିଆ ହୋଇଗଲା ।

ପ୍ରଭୁଙ୍କୁ ଦେଖି ତା' ହୃଦୟରେ ପ୍ରେମ ଉଛୁଳି ଉଠୁଥିଲା । ସେ କହିଲା– "ହେ ପ୍ରଭୁ! ମୁଁ କିପରି ଭାବରେ ଆପଣଙ୍କର ସ୍ତୁତି କରିବି ? ମୁଁ ତ ଆପଣଙ୍କ ସ୍ତୁତି କରିବା ବି ଜାଣି ନାହିଁ । ପୁଣି ମୁଁ ଅଶିକ୍ଷିତ ଓ ଅତ୍ୟନ୍ତ ମୂଢ଼ । ତେଣୁକରି ହେ ନାଥ ! ମୁଁ ଆପଣଙ୍କ ପୂଜା-ଉପାସନା ବି ଜାଣି ନାହିଁ । ଶବରୀର ନିଶ୍ଚଳ ଭକ୍ତି ଓ ପ୍ରେମପୂର୍ଣ୍ଣ କଥା ଶୁଣି ପ୍ରଭୁ କହିଲେ– "ହେ ଭାମିନୀ । ମୋ କଥା ଶୁଣ । ମୁଁ ତ କେବଳ ଭକ୍ତିର ସମ୍ବନ୍ଧକୁ ହିଁ ମାନୁଛି ; କାରଣ ଜାତିପାତି, କୁଳ-ଧର୍ମ, ପଦ, ଧନ, ବଳ, କୁଟୁମ୍ବ, ଗୁଣ ଓ ଚତୁରତା ଏସବୁ ଥିଲେ ମଧ ଭକ୍ତି ରହିତ ମନୁଷ୍ୟ ଜଳହୀନ ମେଘ ପରି ଶୋଭାହୀନ ଦେଖାଯାଏ ।"

**ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ**

# ନବଧା ଭକ୍ତି... ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ତାପରେ ଶବରୀକୁ ନବଧା ଭକ୍ତିର ଉପଦେଶ ଦେଇ ପ୍ରଭୁ କହିଲେ–

ନବଧା ଭଗତି କହଉଁ ତୋହି
ପାହୀଂ ।
ସାବଧାନ ସୁନୁ ଧରୁ ମନ ମାହୀଂ ।।
ପ୍ରଥମ ଭଗତି ସଂତହ କର ସଙ୍ଗା ।
ଦୁସରି ରତି ମମ କଥା ପ୍ରସଙ୍ଗା ।।
ଗୁରୁ ପଦ ପଙ୍କଜ ସେବା ତୀସରି
ଭଗତି ଅମାନ ।
ଚୌଥି ଭଗତି ମମ ଗୁନ ଗନ କରଇ
କପଟ ତଜି ଗାନ ।।
ମନ୍ତ୍ର ଜାପ ମମ ଦୃଢ଼ ବିଶ୍ୱାସା ।
ପଞ୍ଚମ ଭଜନ ସୋ ବେଦ ପ୍ରକାସା ।
ଛଠ ଦମ ସୀଲ ବିରତି ବହୁ
କରମା ।
ନିରତ ନିରନ୍ତର ସଜ୍ଜନ ଧରମା ।।
ସାତୱଁ ସମ ମୋହି ମୟ ଜଗ
ଦେଖା ।
ମୋତେ ସଂତ ଅଧିକ କରି
ଲେଖା ।।
ଆଠୱଁ ଜଥାଲାଭ ସଂତୋଷା ।
ସପନେହୁଁ ନହିଂ ଦେଖଇ
ପରଦୋଷ ।।
ନବମ ସରଳ ସବ ସନ
ଛଲହୀନା ।
ମମ ଭରୋସ ହିୟଁ ହରଷ ନ
ଦୀନା ।
ନବ ମହୁଁ ଏକଉ ଜନ୍ହ କେଂ
ହୋଇ ।
ନାରୀ ପୁରୁଷ ସଚରାଚର
କୋଇ ।।
ସୋଇ ଅତିସୟ ପ୍ରିୟ ଭାମିନି
ମୋରେଂ ।
ସକଳ ପ୍ରକାର ଭଗତି ଦୃଢ଼
ତୋରେଂ ।
ଜୋଗି ବୃନ୍ଦ ଦୁରଲଭ ଗତି ଜୋଇ ।
ତୋ କହୁଁ ଆଜୁ ସୁଲଭ ଭଲ
ସୋଇ ।।
ମମ ଦରସନ ଫଳ ପରମ
ଅନୁପା ।
ଜୀବ ପାୱ ନିଜ ସହଜ ସରୂପା ।।
ଜନକସୁତା କହ ସୁଧି ଭାମିନୀ ।
ଜାନହି କହୁ କରିବରଗାମିନୀ ।।

ଅର୍ଥାତ୍ ଶ୍ରୀରାମ କହିଲେ, 'ହେ ଶବରୀ ! ମୁଁ ତତେ ଏବେ ମୋର ନବଧା ଭକ୍ତି କହୁଛି । ତୁ ତାହା ସାବଧାନ ହୋଇ ଶୁଣ ଏବଂ ତାହାକୁ ମନରେ ଧାରଣ କର । ପ୍ରଥମ ଭକ୍ତି ହେଉଛି ସନ୍ଥମାନଙ୍କ ସତ୍ସଙ୍ଗ । ଦ୍ୱିତୀୟ ମୋର କଥା ପ୍ରସଙ୍ଗ ପ୍ରତି ପ୍ରେମ । ତୃତୀୟ ଭକ୍ତି ହେଉଛି ଅଭିମାନ ରହିତ ହୋଇ ଗୁରୁଙ୍କ ଚରଣ କମଳରେ ସେବା ଓ ଚତୁର୍ଥ ଭକ୍ତି ହେଉଛି କପଟ ତ୍ୟାଗ କରି ମୋର ଗୁଣ ସମୂହର ଗାନ କରିବା । ମୋର (ରାମ) ମନ୍ତ୍ରର ଜପ ଓ ମୋ ପ୍ରତି ଦୃଢ଼ବିଶ୍ୱାସ ହେଲା ପଞ୍ଚମ ଭକ୍ତି, ଯାହା ବେଦରେ ପ୍ରସିଦ୍ଧ ।

ଇନ୍ଦ୍ରିୟ ନିଗ୍ରହ, ଶୀଳ (ଉତ୍ତମ ସ୍ୱଭାବ ବା ଚରିତ୍ର), ବାହ୍ୟ କାର୍ଯ୍ୟରେ ବୈରାଗ୍ୟ ଓ ନିରନ୍ତର ସନ୍ଥ ପୁରୁଷମାନଙ୍କ ଧର୍ମ (ଆଚରଣ)ରେ ନିରତ ରହିବା ଷଷ୍ଠ ଭକ୍ତିର ଅନ୍ତର୍ଗତ । ସପ୍ତମ ଭକ୍ତିରେ ସାରା ଜଗତକୁ ସମଭାବରେ ମୋ ଠାରେ ଓତପ୍ରୋତ (ରାମମୟ) ଥିବାର ଦେଖିବା ଏବଂ ସନ୍ଥମାନଙ୍କୁ ମୋଠାରୁ ବି ଅଧିକ ମାନିବା । ଯାହା କିଛି ମିଳିଲା ସେଥିରେ ସନ୍ତୋଷ ବ୍ୟକ୍ତ କରିବା ଏବଂ ସ୍ୱପ୍ନରେ ସୁଦ୍ଧା ପରଦୋଷ ନ ଦେଖିବା ଅଷ୍ଟମ ଭକ୍ତିର ଅନ୍ତର୍ଗତ ।

ନବମ ଭକ୍ତି ହେଉଛି ସରଳତା ଓ ସମସ୍ତଙ୍କ ସହିତ କପଟ ରହିତ ବ୍ୟବହାର କରିବା, ହୃଦୟରେ ମୋ ପ୍ରତି ଭରସା ରଖିବା ଏବଂ ହର୍ଷ–ବିଷାଦ ଆଦି ଯେକୌଣସି ଅବସ୍ଥାରେ ସମାନ ଭାବରେ ସ୍ଥିତ ହେବା । ଯାହା ପାଖରେ ଏଇ ନଅ ପ୍ରକାର ଭକ୍ତି ମଧ୍ୟରୁ ଗୋଟିଏ ବି ଥାଏ, ସିଏ ସ୍ତ୍ରୀ–ପୁରୁଷ ଜଡ଼–ଚେତନ ଯିଏ ହେଲେ ବି, ହେ ଭାମିନୀ ! ସେ ମୋର ଅତ୍ୟନ୍ତ ପ୍ରିୟ ପୁଣି ମୋ ମଧ୍ୟରେ ତ ସବୁ ପ୍ରକାର ଭକ୍ତି ଦୃଢ଼ ଅଟେ । ଅତଏବ ଯେଉଁ ଗତି ଯୋଗୀମାନଙ୍କୁ ବି ଦୁର୍ଲଭ, ତାହା ଆଜି ତୋ ପାଇଁ ସୁଲଭ ହୋଇଯାଇଛି । ମୋର ଦର୍ଶନ (ଭଗବଦ୍ ଦର୍ଶନ)ର ପରମ ଅନୁପମ ଫଳ ହେଉଛି ଯେ, ଜୀବ ନିଜର ସହଜ ସ୍ୱରୂପକୁ ପ୍ରାପ୍ତ ହୋଇଯାଏ ।

ଏହିପରି ଶବରୀକୁ ନବଧା ଭକ୍ତିର ଅମୃତ ଉପଦେଶ ଦେବା ପରେ ଭଗବାନ ରାମ ଶବରୀ ପରି ନିଷ୍କଳ ଭକ୍ତକୁ ନିଜର କାର୍ଯ୍ୟ (ଭଗବଦ୍ କାର୍ଯ୍ୟ)ରେ ସହଭାଗୀ ହେବାର ଶ୍ରେୟ ଦେବା ଦୃଷ୍ଟିରୁ କହିଲେ– "ହେ ଭାମିନୀ ! ଏବେ ଯଦି ତୁ ଜାନକୀଙ୍କର କୌଣସି ଖବର ଜାଣିଛୁ ତ କୁହ ।

ପ୍ରଭୁଙ୍କ ଅବତାରର ତିନିଟି ପ୍ରୟୋଜନ ହୋଇଥାଏ । ପ୍ରଥମ ଧର୍ମର ସ୍ଥାପନା, ଦ୍ୱିତୀୟ ଅଧର୍ମର ନାଶ ଓ ତୃତୀୟ ସଚ୍ଚା ଭକ୍ତ, ଶିଷ୍ୟ ଓ ସାଧକମାନଙ୍କୁ ନିଜ କାର୍ଯ୍ୟରେ ସହଭାଗୀ ହେବାର ଶ୍ରେୟ ଏବଂ ସୌଭାଗ୍ୟ ପ୍ରଦାନ କରିବା । ଭଗବାନ ରାମ ଶବରୀକୁ ଜାନକୀଙ୍କ ବିଷୟରେ କିଛି ଜଣାଇବା ପାଇଁ କହି ତାକୁ ଶ୍ରେୟ-ସୌଭାଗ୍ୟ ହିଁ ଦେଇଥିଲେ ।

ଭକ୍ତିମତୀ ଶବରୀ ମଧ ଏହା ଖୁବ୍ ଭଲ ଭାବରେ ବୁଝୁଥିଲା, ତେଣୁ ସେ ଭାବୁଥିଲା ଯେ ଭକ୍ତବତ୍ସଳ ଭଗବାନ ତ ସ୍ୱୟଂ ସର୍ବବ୍ୟାପୀ, ସର୍ବଜ୍ଞ, ସେ ତ ସବୁ କିଛି ଛି ପୁଣି ମୋ ପରି ଜଣେ ସାଧାରଣ ନାରୀକୁ, ନିଜର ଭକ୍ତକୁ ଭଗବଦ୍ କାର୍ଯ୍ୟରେ ସହଭାଗୀ ହେବାର ଶ୍ରେୟ ଓ ସୌଭାଗ୍ୟ ପ୍ରଦାନ କରିବା ପାଇଁ ମୋତେ ଜାନକୀଙ୍କ ବିଷୟରେ ପଚାରୁଛନ୍ତି ।

ଏଣୁ ଭକ୍ତିବତୀ ଶବରୀ କହିଲା– "ହେ ପ୍ରଭୁ ! ଆପଣ ସର୍ବଜ୍ଞ, ସର୍ବବ୍ୟାପକ ହୋଇ ମଧ ଜାନକୀଙ୍କ ବିଷୟରେ ମୋତେ ପଚାରୁଛନ୍ତି । ହେ ପ୍ରଭୁ ! ଆପଣ ପମ୍ପା ନାମକ ସରୋବରକୁ ଯାଆନ୍ତୁ, ସେଠାରେ ସୁଗ୍ରୀବଙ୍କ ସହିତ ଆପଣଙ୍କର ମିତ୍ରତା ହେବ । ହେ ଦେବ ! ସେ ଆପଣଙ୍କୁ ସବୁ ସମାଚାର ଜଣାଇବେ ଏହିପରି ବାରମ୍ବାର ପ୍ରଭୁଙ୍କ ଚରଣରେ ମଥାନତ କରି ପ୍ରେମର ସହିତ ନିଜର ସବୁ କଥା ଶୁଣାଇଲା ।

ଶେଷରେ ଭଗବାନଙ୍କ ମଧୁର-ମନୋହର ଛବିର, ମୁଖର ଦର୍ଶନ କରି, ହୃଦୟରେ ତାଙ୍କ ଚରଣକମଳର ଧ୍ୟାନ କରି ଯୋଗାଗ୍ନି ଦ୍ୱାରା ନିଜର ଦେହତ୍ୟାଗ କରି ସେ ସେହି ଦୁର୍ଲଭ ହରିପଦରେ ଲୀନ ହୋଇଗଲା, ଯେଉଁଠି ପହଞ୍ଚି ମନୁଷ୍ୟ ପୁଣି ଆଉ ମୃତ୍ୟୁ ଲୋକକୁ ଫେରେ ନାହିଁ ଅର୍ଥାତ୍ ସେ ଜନ୍ମ-ମରଣର ବନ୍ଧନରୁ ସବୁ ଦିନ ପାଇଁ ମୁକ୍ତ ହୋଇ ପରମାତ୍ମାଙ୍କ ଠାରେ ଲୀନ ହୋଇଯାଏ, ବିଲୀନ ହୋଇଯାଏ ।

ସେଥିପାଇଁ ଗୋସ୍ୱାମୀ ତୁଳସୀଦାସ ସାଧକ, ଶିଷ୍ୟ, ଭକ୍ତ ଓ ମନୁଷ୍ୟ ମାତ୍ରର କଲ୍ୟାଣର ଭାବନାରେ କହିଛନ୍ତି- ହେ ମନୁଷ୍ୟଗଣ ! ଅନେକ ପ୍ରକାର କର୍ମ, ଅଧର୍ମ ଓ ବହୁତ ମତ-ମତାନ୍ତର, ବାଦ-ବିବାଦ, ତର୍କ-କୁତର୍କ, ଏସବୁ ଶୋକପ୍ରଦ, ତେଣୁ ଏଗୁଡ଼ିକର ତ୍ୟାଗ କରିଦିଅ ଏବଂ ବିଶ୍ୱାସ ପୂର୍ବକ ଶ୍ରୀରାମଙ୍କ ଚରଣରେ ପ୍ରେମ କର । ଭଲା ଏମିତି ପ୍ରଭୁଙ୍କୁ ଭୁଲିଯାଇ କେହି କ'ଣ ସୁଖ ପାଇପାରେ ? କଦାପି ନୁହେଁ, ବିଲକୁଲ ନୁହେଁ । ଏଣୁ ସବୁ କିଛି ତ୍ୟାଗ କରି ପ୍ରଭୁଙ୍କ ଚରଣରେ ମନ ଲଗାଅ ।"

"ଏପରି କରି ପାରିଲେ କୃପାଳୁ ଭଗବାନ ଶବରୀ ପରି ତୁମର ମଧ ଉଦ୍ଧାର ଅବଶ୍ୟ କରିବେ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।" ବାସ୍ତବରେ ସେହି ସମସ୍ତ ସାଧକ, ଶିଷ୍ୟ, ଭକ୍ତ ଓ ସାଧାରଣ ଲୋକ ଯେଉଁମାନେ ବାସ୍ତବରେ ଭଗବଦ୍ ଦର୍ଶନ, ଭଗବତ୍ ପ୍ରାପ୍ତିର ଅନୁରାଗୀ, ଅଭିଳାଷୀ, ସେମାନଙ୍କ ସକାଶେ ଶବରୀର ଏହି କଥା- ପ୍ରସଙ୍ଗରେ ଦୁର୍ଲଭ ଓ ଦିବ୍ୟ ପ୍ରେରଣା ଭରି ରହିଛି । ସେହି ପ୍ରେରଣାଗୁଡ଼ିକୁ ଧାରଣ କରି ଯେକୌଣସି ସାଧକ ନିଜ ସାଧନାର ଗତିକୁ ତୀବ୍ର କରିପାରେ ଏବଂ ନିଜର ଲକ୍ଷ୍ୟ ପ୍ରାପ୍ତ ହୋଇପାରେ ।

ଏଣୁ ଶବରୀ ପରି ସାଧକର ସାଧନା, ଭକ୍ତର ଭକ୍ତି ତା' ଜୀବନରେ, ବ୍ୟବହାରରେ ଏବଂ ପ୍ରତ୍ୟେକ କର୍ମରେ ଅଭିବ୍ୟକ୍ତ ହେଉଥିବା ଆବଶ୍ୟକ । ଶବରୀ ପରି ସାଧକ ମୂଢ଼ମାନ୍ୟତା ଓ ପରମ୍ପରାଗୁଡ଼ିକର ପ୍ରତିକାର କରିବା ଉଚିତ ।

ସାଧକ ଶବରୀ ପରି ସାଧନା କରିବା ସଙ୍ଗେ ସଙ୍ଗେ ସେବାରେ ମଧ ତତ୍ପର ରହିବା ଦରକାର । ବିପର୍ଯ୍ୟୟ ନିବାରଣର କାର୍ଯ୍ୟ ହେଉ ବା ଦୁଷ୍ପ୍ରବୃତ୍ତି ଉନ୍ମୂଳନ ସମ୍ବନ୍ଧୀୟ କୌଣସି ଅଭିଯାନ– ସେଥିରେ ସାଧକର ଭାଗୀଦାରୀ ରହିବା ଜରୁରୀ ।

ଶବରୀ ପ୍ରତିଦିନ ମାର୍ଗର ସଫେଇ କରୁଥିଲା ଓ ପ୍ରଭୁଙ୍କ ଆଗମନର ପ୍ରସ୍ତୁତି କରୁଥିଲା । ଏହି ସାରା ବିଶ୍ୱବ୍ରହ୍ମାଣ୍ଡ ଭଗବାନଙ୍କର ହିଁ ପ୍ରାଙ୍ଗଣ, ଦୁଆର, ପରିସର ଅଟେ । ଏଣୁ ଆମେ ଯେଉଁଠି ବି ରହୁଛେ, ସେଠାରେ ଆଖପାଖର ପରିସର ସ୍ୱଚ୍ଛ ହେବା ଉଚିତ । କାରଣ ସ୍ୱଚ୍ଛତାରେ ହିଁ ଭଗବାନଙ୍କର ବାସ ରହିଛି, କିନ୍ତୁ ଏହି ସ୍ୱଚ୍ଛତା ବାହ୍ୟ ସହିତ ଆନ୍ତରିକ ବି ହେବା ଦରକାର । ଆମର ଆତ୍ମା ହିଁ ସେହି ଦୁଆର, ଯେଉଁଠିକୁ ପ୍ରଭୁଙ୍କର ଆଗମନ ହୋଇଥାଏ ।

ଆମେ ନିଜର ଆତ୍ମାଙ୍ଗନରେ ନିତ୍ୟ ଭକ୍ତିର ଝାଡ଼ୁ ଲଗାଇବା ଉଚିତ । ଆତ୍ମାର ପବିତ୍ରତା ହେତୁ ଆମେ ସର୍ବଦା ତତ୍ପର ରହିବା ଜରୁରୀ । ଶୁଭ ଓ ନିଷ୍କାମ କର୍ମ, ଭକ୍ତି, ଜ୍ଞାନ ଦ୍ୱାରା ହିଁ ଆତ୍ମା ପବିତ୍ର ହୋଇଥାଏ ଏବଂ ତାପରେ ସେଠାକୁ ପ୍ରଭୁଙ୍କର ଆଗମନ ହୋଇଥାଏ । ଶବରୀ ପ୍ରଭୁଙ୍କୁ ଖଟା ନୁହେଁ, ମିଠା ଫଳ ସମର୍ପଣ କରିଥିଲା, ଏହାର ଅର୍ଥ ଆମେ ଖଟା ଅର୍ଥାତ୍ କୁକର୍ମ ଠାରୁ ଦୂରେଇ ରହିବା ଓ ଶୁଭ କର୍ମ କରିବା ତଥା ଶୁଭ କର୍ମର ମଧୁର ଫଳ ପ୍ରଭୁଙ୍କୁ ସମର୍ପଣ କରୁଥିବା । ଶବରୀ ପ୍ରଭୁଙ୍କ କାର୍ଯ୍ୟରେ ବି ସହଭାଗୀ ହୋଇଥିଲା । ଶବରୀ ସର୍ବଦା ଭଗବାନଙ୍କ ଆଗମନର ପ୍ରସ୍ତୁତି କରୁଥିଲା, ମାର୍ଗ ସଫା କରୁଥିଲା ଏବଂ ଏହାକୁ ନେଇ ଲୋକେ ତା'ର ଉପହାସ କରୁଥିଲେ, ପରିହାସ କରୁଥିଲେ, କିନ୍ତୁ 'ଲୋକମାନେ କ'ଣ କହିବେ, ଏକଥାକୁ ସେ କେବେ ବି ଖାତିର କଲା ନାହିଁ, ବରଂ ମୋ ଗୁରୁ ମୋତେ କହିଛନ୍ତି – ଏଇ କଥା ସେ ସର୍ବଦା ଧ୍ୟାନ ରଖିଲା ।'

ସଚ୍ଚା ସାଧକ ମଧ ନିଜ ଗୁରୁ, ନିଜର ଭଗବାନ ଓ ତାଙ୍କ ମନ୍ତ୍ର ଉପରେ ଦୃଢ଼ ବିଶ୍ୱାସ ରଖିବା ଉଚିତ । ଶବରୀର ସାଧନାରେ ନିୟମିତତା, ଧୈର୍ଯ୍ୟ, ସଂଯମ, ଗତି ଓ ତୀବ୍ରତା ଥିଲା । ଆମ ସାଧନାରେ ବି ଏସବୁ ରହିବା ଆବଶ୍ୟକ ।

ଶବରୀ ନବଧା ଭକ୍ତିରେ ପ୍ରବୀଣ ଥିଲା । ଆମକୁ ମଧ ଏଥିରେ ପ୍ରବୀଣ ହେବାକୁ ପଡ଼ିବ । ଯଦି ଆମେ ପୂର୍ଣ୍ଣ ଶ୍ରଦ୍ଧା, ନିଷ୍ଠା, ସନ୍ତୋଟତା, ଧୈର୍ଯ୍ୟ, ସଂଯମର ସହିତ ଦୀର୍ଘକାଳ ପର୍ଯ୍ୟନ୍ତ ନିୟମିତ ରୂପେ ଏଭଳି ସାଧନା କରିଚାଲିବା ତେବେ ଆମ ଜୀବନରେ ମଧ ରାମଙ୍କର ଆଗମନ, ଭଗବାନଙ୍କ ଆଗମନ ହେବା ସୁନିଶ୍ଚିତ ଏବଂ ଭଗବାନଙ୍କର ସେହି ଆଗମନ ସ୍ଥୂଳ ଅଥବା ସୂକ୍ଷ୍ମ ଯେକୌଣସି ରୂପେ ହୋଇପାରେ । ସେ ଜ୍ୟୋତି ରୂପରେ ଆମକୁ ଦର୍ଶନ ଦେଇ ପାରନ୍ତି । ସେ ଆମ ଭିତରେ ପ୍ରେମ, ଜ୍ଞାନ ଓ ଭାବସଂବେଦନା ରୂପେ ମଧ ଅବତରିତ ହୋଇ ପାରନ୍ତି ।

ସେ ଆମ ଆତ୍ମାରେ ଆନନ୍ଦ ରୂପେ ପ୍ରକଟ ହୋଇପାରନ୍ତି, ସେ ଆମକୁ ଦୀନ-ଦୁଃଖୀଙ୍କ ବେଶରେ ମଧ ମିଳି ପାରନ୍ତି । ସତ୍-ଚିତ୍-ଆନନ୍ଦ ରୂପ ପ୍ରଭୁ ଆମ ଭିତରେ ପ୍ରକଟ ହୋଇପାରନ୍ତି । ଏଣୁ ଆମେ ଆତ୍ମାର ଦୁଆରେ-ପ୍ରାଙ୍ଗଣରେ ନିତ୍ୟ ଝାଡ଼ୁ ଲଗାଇ ସଫା କରୁଥିବା ଦରକାର । କାରଣ ଯଦି ଆମେ ନିଜର ଦୁଆର- ପ୍ରାଙ୍ଗଣକୁ ସଫା ରଖିବା ନାହିଁ ତାହେଲେ ଭଗବାନ କିପରି ଆସିବେ ?

## ଆଜିର ଚିନ୍ତନ

ମଣିଷ ଜୀବନ ସବୁଠାରୁ ମୂଲ୍ୟବାନ । ଅନେକ ଜନ୍ମ ପରେ ମଣିଷ ଜନ୍ମ ପାଇବାକୁ ଯୋଗ୍ୟ । ଚୌରାଶି ଲକ୍ଷ ଯୋନି ଭିତରୁ ନିଜର ସଂ*ତ ପୁଣ୍ୟର ପ୍ରଭାବରେ ମଣିଷ ଜନ୍ମ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ । ମଣିଷ ଜନ୍ମ ହିଁ ଶ୍ରେଷ୍ଠ ଜନ୍ମ । ତେଣୁ ମଣିଷ ଦିବ୍ୟଜ୍ଞାନର ଅଧିକାରୀ ହୋଇଥାଏ ନିଜର ବୁଦ୍ଧି ବିବେକ ଏବଂ ଜ୍ଞାନ ବଳରେ ଅସାଧ ସାଧନ କରିଥାଏ । ପରମାତ୍ମାଙ୍କ ଅନୁଚିତନ ସହ, ପରମ ସତ୍ତା ସହ ଅହରହ ତଲ୍ଲୀନ ହୋଇ ସେହି ସଭାକୁ ତତ୍ତ୍ୱତଃ ଜାଣିବା ହେଉଛି ମାନବର ପରମ ଲକ୍ଷ୍ୟ । ତେବେ ଏଥିପାଇଁ ଦରକାର ସଜ୍ଜନ ସଙ୍ଗତି । କାରଣ ସତ୍ସଙ୍ଗ ବିନା ନିଜ ଭିତରେ ଜୀବ-ପରମର ତତ୍ତ୍ୱକୁ ଧାରଣ କରିବା ଏକରକମ କାଠିକର ପାଠ ହୋଇଯାଏ । ଜୀବନର ଚରମ ଏବଂ ପରମ ଲକ୍ଷ୍ୟ ସାଧନ ନିମନ୍ତେ ସାଧୁଜନଙ୍କ ସାନ୍ନିଧ ପରମ ଆବଶ୍ୟକ । ଏହି ସସତ୍ଙ୍ଗ ଆମକୁ ପରିପୋଷଣ ତଥା ପରିଚାଳନା କରିଥାଏ । ସତ୍ସଙ୍ଗର ଅର୍ଥ ଯେ, କେବଳ ଐଶ୍ୱରୀୟ ସମ୍ବନ୍ଧିତ ତଥାକଥିତ ଜଟାଜୁଟଧାରୀଙ୍କ ସଂସ୍ପର୍ଶରେ ଆସିବା, ତାହା ନୁହେଁ ବରଂ ଆପଣାର ପ୍ରତିଟି କ୍ଷେତ୍ରରେ ସେହି ବିଷୟକୁ ନେଇ ପ୍ରାଜ୍ଞ ମନୀଷୀଙ୍କ ସହ ସମ୍ପର୍କିତ ହେବା । ଯେମିତି ମାଆ ମାଛଟିଏ ନିଜର ନବଜାତକଙ୍କୁ ଦୃଷ୍ଟି ନିକ୍ଷେପ କରି ପାଳନ ପୋଷଣ କରେ, ମାଆ କଇଁଛଟିଏ ଯେମିତି ଆପଣାର ଛୁଆକୁ ଧ୍ୟାନ ସହକାରେ ପାଳନ କରେ ଏବଂ ପକ୍ଷୀ ଯେମିତି ନିଜ କୁନିକୁନି ଶାବକଙ୍କୁ ନିଜର ମାତୃତ୍ୱର ସ୍ପର୍ଶରେ ପାଳନ ପୋଷଣ କରେ, ସେହିପରି ଭାବରେ ସତ୍ସଙ୍ଗ ଆମର ଲାଳନ ପାଳନ କରେ । ଆମକୁ ପରମ ଚିଦାନନ୍ଦ ଚିନ୍ମୟ ଚିନ୍ତନରେ ନିତ୍ୟ ଅବଗାହନ କରାଏ । ଆମର ମନ, ଅନ୍ତଃକରଣ ଏବଂ ଶରୀରକୁ ପରିଶୋଧନ ସହ ଆମକୁ ପରମାର୍ଥିକ ପୋଷଣ ପ୍ରେଷଣ କରାଇଥାଏ ସଜ୍ଜନ ସଙ୍ଗତି ବା ସତ୍ସଙ୍ଗ । ଜୀବନରେ ସତ୍ସଙ୍ଗର ମହତ୍ତ୍ୱ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଣୁ ସତ୍ସଙ୍ଗ ହିଁ ପ୍ରତ୍ୟେକ କ୍ଷେତ୍ରରେ ସଙ୍ଗୀ ବ୍ୟକ୍ତିମାନଙ୍କର ପାଳନ କରିଥାଏ ।

# ଆତ୍ମଜ୍ଞାନ ହିଁ ସର୍ବୋପରି ସଂପଦ

ମହର୍ଷି ଯାଜ୍ଞବଲ୍କ୍ୟଙ୍କର ଦୁଇ ଜଣ ପତ୍ନୀ ଥିଲେ– ମୈତ୍ରେୟୀ ଓ କାତ୍ୟାୟନୀ । ମୈତ୍ରେୟୀ ଓ କାତ୍ୟାୟନୀ ଦୁହିଁଙ୍କ ପ୍ରବୃତ୍ତି ଓ ପ୍ରକୃତି ପରସ୍ପର ଠାରୁ ସର୍ବଥା ଭିନ୍ନ ଥିଲା । କାତ୍ୟାୟନୀଙ୍କ ମଧ୍ୟରେ ଭୌତିକ ଓ ସାଂସାଚିକ ସୁଖ ଭୋଗ ପାଇବାର ଉତ୍କଟ ଲାଳସା ଥିଲା, କିନ୍ତୁ ମୈତ୍ରେୟୀଙ୍କ ମଧ୍ୟରେ ଆତ୍ମଜ୍ଞାନ, ବ୍ରହ୍ମଜ୍ଞାନ ପାଇବାର ତୀବ୍ର ଲାଳସା ଥିଲା । ସାଂସାରିକ ଧନ-ସଂପତ୍ତିକୁ ପାଇବା ଅଥବା ତାକୁ ସଂଗ୍ରହ କରିବା ପରିବର୍ତ୍ତେ ମୈତ୍ରେୟୀଙ୍କ ମଧ୍ୟରେ ଆତ୍ମାର ଅମରତାକୁ ପାଇବାର ଅତ୍ୟନ୍ତ ଲାଳସା ଥିଲା ।

ଯେତେବେଳେ ମହର୍ଷି ଯାଜ୍ଞବଲ୍କ୍ୟ ତପସ୍ୟା କରିବା ପାଇଁ ଯିବାକୁ ବାହାରିଲେ ତ ସେ ନିଜର ଦୁଇ ପତ୍ନୀଙ୍କୁ ଡାକି କହିଲେ– 'ଜୀବନର ଚରମ ଲକ୍ଷ୍ୟ ପାଇବା ପାଇଁ ଏବେ ମୁଁ ଘରଦ୍ୱାର ଛାଡ଼ି ଯାଉଛି, କିନ୍ତୁ ଏହା ପୂର୍ବରୁ ମୁଁ ଚାହୁଁଛି ଯେ ସମସ୍ତ ଘରୋଇ ସଂପଦ ଓ ଧନ-ସଂପଦକୁ ଭାଗବାଣ୍ଟି ତୁମ ଦୁଇ ଜଣଙ୍କୁ ଦେଇଦେବି । ମୁଁ ତୁମ ଦୁଇ ଜଣଙ୍କ ପାଇଁ ହିଁ ଜୀବନ ନିର୍ବାହର ଉଚିତ ବ୍ୟବସ୍ଥା କରି ଘରୁ ତପସ୍ୟାକୁ ଯିବା ପାଇଁ ଚାହୁଁଛି ।

ଏହା ଶୁଣି ଧନ-ସଂପଦର ଅଭିଳାଷୀ କାତ୍ୟାୟନୀ ବହୁତ ପ୍ରସନ୍ନ ହେଲେ, କିନ୍ତୁ ମୈତ୍ରେୟୀ ଯାଜ୍ଞବଲ୍କ୍ୟଙ୍କୁ କହିଲେ – "ହେ ନାଥ ! ସାରା ସଂସାରର ଧନ-ସଂପଦ ମୋତେ ମିଳିଗଲେ ବି ସେଥିରୁ ମୋତେ କ'ଣ ଆତ୍ମଜ୍ଞାନର, ବ୍ରହ୍ମଜ୍ଞାନର ଉପଲବ୍ଧ ହୋଇ ପାରିବ ? କ'ଣ ସେହି ଧନ-ସଂପଦକୁ ପାଇ ମୋତେ ଆତ୍ମାର ଅମରତାର ଜ୍ଞାନ ହୋଇ ପାରିବ ? କ'ଣ ଧନ – ସଂପଦକୁ ପାଇ ମୁଁ ଅମର ହୋଇ ପାରିବି ? ଯଦି ନୁହେଁ ତ ପୁଣି ସେହି ଧନ-ସଂପଦକୁ ନେଇ ମୁଁ କ'ଣ କରିବି ? ଏଥିପାଇଁ ହେ ନାଥ ! ଏପରି କୌଣସି ଧନ-ସଂପଦ ପ୍ରତି ମୋର ଲାଳସା ନାହିଁ ।" ଏତିକି କହି ମୈତ୍ରେୟୀ ନିଜ ଭାଗର ଧନ-ସଂପଦ ମଧ କାତ୍ୟାୟନୀଙ୍କୁ ଦେଇଦେଲେ । ସେତେବେଳେ ମହର୍ଷି ଯାଜ୍ଞବଲ୍କ୍ୟ ମୈତ୍ରେୟୀଙ୍କ ପାଇଁ କହିଲେ- "ହେ ମୈତ୍ରେୟୀ !

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

ବର୍ଷ ୨୭, ସଂଖ୍ୟା- ୩୮, ୧୭ - ୨୩ ସେପ୍ଟେମ୍ବର ୨୦୨୩

# ସଫଳ ଜି ୨୦ ସମ୍ମିଳନୀ


ନିକଟରେ ଶେଷ ହୋଇଥିବା ଦୁଇ ଦିନିଆ ଜି -୨୦ ସମ୍ମିଳନୀ ସଫଳ ହୋଇଛି । ଏହି ସମ୍ମିଳନୀ ଆୟୋଜନକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଥିଲା ବେଳେ ଭାରତର ନେତୃତ୍ୱକୁ ମଧ ବହୁ ରାଷ୍ଟ୍ର ପ୍ରଶଂସା କରିଛନ୍ତି । ବିଶେଷକରି ନୂଆଦିଲ୍ଲୀ ଘୋଷଣାନାମା ଉପରେ ସବୁ ସଦସ୍ୟ ରାଷ୍ଟ୍ରଙ୍କ ସହମତି ଏହି ଆୟୋଜନକୁ ବଡ଼ ସଫଳତା ଦେଇଛି ବୋଲି କୁହାଯାଇଛି । ଏହାକୁ ନେଇ ଭାରତର ବଡ଼ କୂଟନୀତିକ ବିଜୟ ହୋଇଛି ବୋଲି ମଧ ବିଶ୍ୱ ଗଣମାଧମରେ ଆଲୋଚନା ଚାଲିଛି । ବିଶେଷକରି ଗତ ବର୍ଷ ଇଣ୍ଡୋନେସିଆରେ ଆୟୋଜିତ ଜି- ୨୦ ସମ୍ମିଳନୀରେ ୟୁକ୍ରେନ ଯୁଦ୍ଧକୁ ନେଇ ଜି- ୨୦ ରାଷ୍ଟ୍ର ଗୋଷ୍ଠୀ ଦୁଇଭାଗ ହୋଇଯାଇଥିଲା ବେଳେ ରୁଷିଆର ଭୂମିକାକୁ ନେଇ ଅନେକ ରାଷ୍ଟ୍ର ନିନ୍ଦା କରିଥିଲେ । ତେଣୁ ଚଳିତ ସମ୍ମିଳନୀରେ ଏହି ପ୍ରସଙ୍ଗକୁ ପୁଣି ଉତଥାପନ କରି ଏହା ଉପରେ ଚର୍ଚ୍ଚା କରିବାକୁ ବହୁ ସଦସ୍ୟ ରାଷ୍ଟ୍ର ଜୋର ଦେଇଥିଲେ । କିନ୍ତୁ ସେମାନଙ୍କୁ ବୁଝାଇବା ସହିତ ବିଶ୍ୱ କଲ୍ୟାଣ ପାଇଁ ସାମୂହିକ ଉଦ୍ୟମ କରିବା ଏବଂ ଯୁଦ୍ଧ କଥା  ଛାଡି ଶାନ୍ତି ଓ ସୋହାର୍ଦ୍ଦ୍ୟର କଥା କହିବାକୁ ଭାରତ ଉଦ୍ୟମ କରିଥିଲା । ଏଭଳି ଆଭିମୁଖ୍ୟ ରଖି ଭାରତ ପ୍ରସ୍ତୁତ କରିଥିବା ଚିଠାବିଲ୍ ଉପରେ ଶେଷରେ ସବୁ ରାଷ୍ଟ୍ର ମୋହର ମାରିବା ଏବଂ ଦିଲ୍ଲୀ ଘୋଷଣାନାମାକୁ ସମର୍ଥନ ଦେବା ଜି ୨୦ ସମ୍ମିଳନୀର ବଡ଼ ସଫଳତା ବୋଲି କୁହାଯାଇଛି । ଏହି କ୍ରମରେ ବିଶ୍ୱ ଦୁନିଆରେ ଭାରତର ନେତୃତ୍ୱର ଛବି ଆହୁରି ସୁଦୃଢ଼ ହୋଇଛି । ସମସ୍ତଙ୍କୁ ସାମିଲ କରିବି ଶ୍ୱ ସମାଜର ବିକାଶ ପାଇଁ ଜି- ୨୦ ସମ୍ମିଳନୀର ଅଧକ୍ଷ ଭାବେ ପ୍ରଧାନମନ୍ତ୍ରୀ ମୋଦୀ ଯାହା ଆହ୍ୱାନ ଦେଇଥିଲେ ତହାକୁ ବିଶ୍ୱନେତାମାନେ କୌଣସି ବିରୋଧ ବିନା ଗ୍ରହଣ କରିବା ଭାରତ ପାଇଁ ଏକ ବଡ଼ ସଫଳତା ଆଣି ଦେଇଛି ବୋଲି କୁହାଯାଉଛି । ପୂର୍ବରୁ ଜି- ୨୦ ସମ୍ମିଳନୀରେ କେବଳ ନିର୍ଦ୍ଧିଷ୍ଟ, ବିଷୟ ବସ୍ତୁ ଉପରେ ଆଲୋଚନା କରିବା ଏବଂ ନିର୍ଦ୍ଧିଷ୍ଟ ରାଷ୍ଟ୍ରଙ୍କ ଆଭିମୁଖ୍ୟ ପରିପୂରଣ କରିବା ଦେଖାଯାଇଥିଲା । ହେଲେ ଚଳିତ ଅଧିବେଶନରେ ବିଶ୍ୱସମାଜର ସାମଗ୍ରିକ କଲ୍ୟାଣ ପାଇଁ ବିଷୟ ବସ୍ତୁ ପ୍ରସ୍ତୁତ କରିବା  ଏବଂ ଏଦିଗରେ ବିଶ୍ୱନେତାମାନଙ୍କ ସମର୍ଥନ ହାସଲ କରିବା ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ।

ସେହିପରି ଭାରତ ଅଧକ୍ଷତାରେ ଦକ୍ଷିଣ ଆଫ୍ରିକୀୟ ସଂଘକୁ ଜି- ୨୦ ଗୋଷ୍ଠୀରେ ସାମିଲ କରାଯିବା ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସାରା ବିଶ୍ୱରେ ଚର୍ଚ୍ଚା ଚାଲିଛି । ପୂର୍ବରୁ ଜି- ୨୦ ସମ୍ମିଳନୀରେ ସର୍ବାଧିକ ୨୭ଟି ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା ବେଳେ ଏଥରକ ୭୩ଟି ବିଷୟରେ ଆଲୋଚନା କରାଯାଇଛି । ଏହା ପଛରେ ପ୍ରଧାନମନ୍ତ୍ରୀଙ୍କ ମୋଦୀଙ୍କ ଦୃଢ଼ ନେତୃତ୍ୱ ଏବଂ କୂଟନୀତି କାର୍ଯ୍ୟ କରିଛି ବୋଲି ଜାତୀୟ ଏବଂ ବିଦେଶୀ ଗଣମାଧମଗୁଡିକରେ ଚର୍ଚ୍ଚା ଚାଲିଛି । ସେହିପରି ଏହି ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ଭାରତର ଆତିଥ୍ୟକୁ ନେଇ ମଧ ଅନେକ ରାଷ୍ଟ୍ର ଭାରତକୁ ଭୁରି ଭୁରି ପ୍ରଶଂସା କରିଛନ୍ତି ।

ଏହା ବୈଶିକସ୍ତରରେ ଭାରତର ପ୍ରାଧାନ୍ୟ ବଢ଼ାଇଛି । ଭାରତର କି- ୨୦ ଅଧକ୍ଷତାକୁ ବିଶ୍ୱ ନେତାମାନେ ଭୂୟସୀ ପ୍ରଶଂସା କରିବା ସହ 'ଗୋଟିଏ ପୃଥିବୀ, ଗୋଟିଏ ପରିବାର ଆଭିମୁଖ୍ୟ ବିଶ୍ୱକୁ ଏକଜୁଟ କରିବାରେ ବଳିଷ୍ଠ ଭୂମିକା ନେବ ବୋଲି କହିଛନ୍ତି । ୨ ଦିନିଆ ସମ୍ମିଳନୀରେ ଯୋଗ ଦେଇଥିବା ବିଶ୍ୱ ନେତାମାନେ ଭାରତର ଆତିଥ୍ୟ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ନିର୍ଣ୍ଣାୟକ ନେତୃତ୍ୱ' ପାଇଁ ମଧ ବିପୁଳ ପ୍ରଶଂସା କରିଛନ୍ତି । ଫ୍ରାନ୍ସ କହିଛି, ଦିଲ୍ଲୀ ଜି -୨୦ ଘୋଷଣାନାମାରେ ଶତପ୍ରତିଶତ ସହମତି ସୂଚାଉଛି ଯେ ଦେଶଗୁଡ଼ିକୁ ଏକଜୁଟ କରିବା ଲାଗି ଭାରତ ଭଳି କ୍ଷମତା ଅନ୍ୟ କୌଣସି ଦେଶର ନାହିଁ । ନୂଆଦିଲ୍ଲୀର ବୁଝାମଣା ଦକ୍ଷତା ସମସ୍ତ ରାଷ୍ଟ୍ରଙ୍କୁ ଏକସୂତ୍ରରେ ବାନ୍ଧିବାରେ ସକ୍ଷମ ହୋଇଛି । ଏଭଳି ବୁଝାମଣା କରିବା ସ୍ଥିତି ଅର୍ଥାତ୍ ସମସ୍ତଙ୍କ ମତାମତ ଗ୍ରହଣ କରିବା ଏବଂ ଆପୋସ ବୁଝାମଣା କରିବା କ୍ଷମତା କେବଳ ଭାରତର ରହିଛି ଏବଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଫ୍ରାନ୍ସ ପକ୍ଷରୁ ଜାରି ବୟାନରେ କୁହାଯାଇଛି ।

ସୂଚନାଯୋଗ୍ୟ, ୟୁକ୍ରେନ ଯୁଦ୍ଧକୁ ନେଇ ଜି- ୨୦ ନେତାମାନେ ଭୀଷଣ ଭାବେ ବିଭାଜିତ ହୋଇଥିଲେ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସମ୍ଭାବ୍ୟ ସମାଲୋଚନାକୁ ଏଡ଼ାଇବା ପାଇଁ ସମ୍ମିଳନୀରେ ଯୋଗ ଦେଇ ନ ଥିଲେ । ଆୟୋଜନକାରୀ ଭାରତ ଜି ୨୦ ସଦସ୍ୟମାନଙ୍କୁ ଏକ ସାଧାରଣ ବିବୃତିରେ ସହମତ ହେବାକୁ ଚାପ ପକାଇଲା ଯାହା ଯୁଦ୍ଧକୁ ପୂର୍ବରୁ ନିନ୍ଦା କରିଥିଲା । ଶେଷରେ ଜି- ୨୦ ଅନ୍ୟ ଦେଶର ଅଞ୍ଚଳ ଦଖଲ ପାଇଁ ବଳ ପ୍ରୟୋଗକୁ ନିନ୍ଦା କଲା କିନ୍ତୁ ରଷ୍‌କୁ ସିଧାସଳଖ ସମାଲୋଚନା କରିବାକୁ ବିରତ ରହିଲା । ନୂଆଦିଲ୍ଲୀ ଘୋଷଣାନାମାକୁ ଚୀନ୍, ରୁଷ୍ ଏବଂ ୟୁରୋପୀୟ ରାଷ୍ଟ୍ରମାନେ ଏକମତରେ ଗ୍ରହଣ କରିନେବା ଏକ ବିରଳ ସଫଳତା ବୋଲି ବିଶ୍ୱ ନେତାମାନେ କହିଛନ୍ତି । ଆଫ୍ରିକୀୟ ସଂଘ ସଭାପତି ଅଜାଲି ଅସୁମାନି କହିଛନ୍ତି, ଭାରତ ବିଶ୍ୱର ପଞ୍ଚମ ମହଶକ୍ତି ଭାବେ ଆଫ୍ରିକା ପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି । ଏବେ ଭାରତ ଚୀନ୍‌ଠାରୁ ଆଗରେ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱ ପାଇଁ ହିଁ ଆମେ (ଆଫ୍ରିକୀୟ ସଂଘ) ବିନା ବିତର୍କରେ ଜି- ୨୦ର ସଦସ୍ୟ ହୋଇପାରିଲୁ ବୋଲି ସେ କହିଛନ୍ତି । ସମ୍ମିଳନୀ ସମୟରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଡ଼ା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜି- ୨୦ର ଶୀର୍ଷ ନେତୃତ୍ୱ ପାଇଁ ପ୍ରଶଂସା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଏକ ନୂଆ ବୈଶ୍ୱିକ ସଂରଚନାକୁ ପ୍ରତିଫଳିତ କରୁଛି । ରୁଷ୍ ବିଦେଶ ମନ୍ତ୍ରୀ ସେର୍ଗି ଲାବରୋବ ଭାରତର ଅଧକ୍ଷତା ଦ୍ୱାରା ସୃଷ୍ଟ ମୂଳଦୁଆ ଆଧାରରେ ଜି- ୨୦ ସହଯୋଗ ଆଗକୁ ବଢ଼ିପାରିବ ବୋଲି କହିଛନ୍ତି ଏବଂ ଏହି ସମ୍ମିଳନୀରେ ରୁଷ୍ ସନ୍ତୁଷ୍ଟ ବୋଲି କହିଛନ୍ତି । ଭାରତ ଅଧକ୍ଷତାରେ ଜି- ୨୦ ସଫଳ ହୋଇଛି ଏବଂ ଭାରତ-ରୁଷ୍ ମିତ୍ରତାର ଆଗକୁ ଆହୁରି ସୁଦୃଢ଼ ହେବ ବୋଲି କହିଛନ୍ତି । ତୁର୍କୀ ରାଷ୍ଟ୍ରପତି ରେସିପ ତାୟିପ ଏର୍ଡୋଗାନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ଆତିଥ୍ୟ ପାଇଁ ପ୍ରଶଂସା କରିଛନ୍ତି । ମୋଦୀଙ୍କୁ ପ୍ରଶଂସା କରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି, ଆଫ୍ରିକୀୟ ସଂଘ ଏବେ ଜି- ୨୦ରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଏବଂ ଆପଣ (ମୋଦୀ) ଆମମାନଙ୍କୁ ଏକାଠି କରିଛନ୍ତି ।

ଆମମାନଙ୍କୁ ମନେ ପକାଇ ଦେଇଛନ୍ତି ଯେ ଆମେ ଏକାଠି ଯେକୌଣସି ଚ୍ୟାଲେଞ୍ଜ ସାମ୍ନା କରିବାର ଦକ୍ଷତା ରହିଛି । ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଜି- ୨୦କୁ ଅତିଥି ଭାବେ ନିମନ୍ତ୍ରିତ କରିଥିବା ଏବଂ ଗ୍ଲୋବାଲ୍ ସାଉଥ୍‌ର ସ୍ୱର ଉତ୍ତୋଳନ କରିଥିବାରୁ ହାସିନା ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି । କାର୍ଯ୍ୟକ୍ରମ ଆୟୋଜନରେ ଭାରତୀୟଙ୍କ ଦକ୍ଷତା ପାଇଁ ବ୍ରାଜିଲ୍ ରାଷ୍ଟ୍ରପତି ଲୁଲା ଡା ସିଲ୍ ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସବୁ ଦୃଷ୍ଟିରୁ ଏହି ସମ୍ମିଳନୀର ସଫଳତା ଜି- ୨୦କୁ ଅଧିକ ସଶକ୍ତ କରିଛି ବୋଲି ସେ ମତ ରଖିଛନ୍ତି ।



# ଈଶ୍ୱର ଅଛନ୍ତି

## ମହାତ୍ମା ଗାନ୍ଧୀ

ଏକ ସଜ୍ଞାତୀତ ରହସ୍ୟମୟ ପରମ ଶକ୍ତି ସକଳ ବସ୍ତୁରେ ବିରାଜିତ ରହିଛି । ମୁଁ ତାହାକୁ ଦେଖିପାରୁ ନାହିଁ ସତ, ମାତ୍ର ଅନୁଭବ କରିପାରୁଛି । ଏହି ଅଦୃଶ୍ୟ ଶକ୍ତି ହିଁ ଆପଣାକୁ ଅନୁଭୂତ କରାଉଛି, ଅଥଚ ସକଳ ପ୍ରମାଣର ଅତୀତ ହୋଇ ରହିଛି- କାରଣ, ମୋ'ର ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ମୁଁ ଯାହାକିଛି ବିଷୟରେ ସଜ୍ଞାନ ହୋଇ ପାରୁଛି, ଏଗୁଡ଼ିକ ସହିତ ତାହାର ଆଦୌ କୌଣସି ସାଦୃଶ୍ୟ ନାହିଁ । ତାହା ଇନ୍ଦ୍ରିୟାତୀତ ହୋଇ ରହିଛି । ମାତ୍ର, ଏକ ନିର୍ଦ୍ଧିଷ୍ଟ ସୀମା ଭିତରେ ବୁଦ୍ଧିଦ୍ୱାରା ମଧ ଈଶ୍ୱରଙ୍କର ଅସ୍ତିତ୍ୱ ବିଷୟରେ ପ୍ରମାଣ ଦେଇ ବୁଝାଇ ହେବ ।

ମୁଁ ଅତ୍ୟନ୍ତ କ୍ଷୀଣଭାବରେ, ମାତ୍ର ସୁନିଶ୍ଚିତ ଭାବରେ ଜାଣି ପାରୁଛି ଯେ, ମୋ'ର ଚତୁର୍ଦ୍ଦିଗରେ ସବୁକିଛି ସର୍ବଦା ବଦଳି ଯାଉଛି ଓ ସର୍ବଦା କ୍ଷୟ ହୋଇ ଯାଉଛି ସତ, ମାତ୍ର ଏହିପରି ଯାବତୀୟ ପରିବର୍ତ୍ତନର ପଶ୍ଚାତରେ ଏପରି ଏକ ଜୀବନବାଚୀ ଶକ୍ତି ନିହିତ ହୋଇ ରହିଛି, ଯାହାର କି କୌଣସି ପରିବର୍ତ୍ତନ ନାହିଁ, ଯାହା ସବୁକିଛିକୁ ଏକତ୍ର ଧାରଣ କରି ରହିଛି, ଯାହା ସୃଷ୍ଟି କରୁଛି, ବିଲୟ ଘଟାଉଛି ଏବଂ ପୁନର୍ବାର ସୃଷ୍ଟି କରୁଛି । ସେହି ପ୍ରେରକ ଶକ୍ତି ବା ଆତ୍ମା ହେଉଛି ଈଶ୍ୱର ।  କେବଳ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ମୁଁ ଦେଖି ପାରୁଥିବା କୌଣସି ବସ୍ତୁ କଦାପି ଚିରଦିନ ରହି ପାରିବ ନାହିଁ ଓ ରହିବ ନାହିଁ, ମାତ୍ର କେବଳ ସେଇ ରହିଥିବେ ।

ଏହି ପରମ ଶକ୍ତି ଆମର ହିତକାରୀ ନା ଅହିତକାରୀ ? ମୁଁ ତାହାକୁ ସଂପୂର୍ଣ୍ଣଭାବରେ ହିତକାରୀ ବୋଲି ଅନୁଭବ କରିପାରୁଛି । କାରଣ ମୁଁ ଦେଖିପାରୁଛି ଯେ, ମୃତ୍ୟୁ ଭିତରେ ଜୀବନ ତଥାପି ଅକ୍ଷୟ ହୋଇ ରହିଛି, ଅସତ୍ୟ ମଧରେ ସତ୍ୟ ଅବିଚଳ ରହିଛି ଏବଂ ଅନ୍ଧକାର ଭିତରେ ଆଲୋକ ଅନିର୍ବାଣ ହୋଇ ରହିଛି । ତେଣୁ ମୁଁ ବୁଝି ପାରୁଛି ଯେ, ଈଶ୍ୱର ହେଉଛନ୍ତି ଜୀବନ, ସେଇ ସତ୍ୟ ଏବଂ ସେଇ ଆଲୋକ । ଈଶ୍ୱର ହେଉଛନ୍ତି ପ୍ରେମ । ସିଏ ହେଉଛନ୍ତି ସର୍ବୋଚ୍ଚ ଭଗବାନ୍ ।

ମୁଁ ସ୍ୱୀକାର କରୁଛି ଯେ,.... ବୁଦ୍ଧିର ସାହାଯ୍ୟ ନେଇ ଏହା ବିଷୟରେ କାହାର ହୃଦ୍‌ବୋଧ କରାଇ ପାରିବା ଲାଗି ମୋ' ପାଖରେ କୌଣସି ଯୁକ୍ତି ନାହିଁ । ବିଶ୍ୱାସ ହେଉଛି ବୁଦ୍ଧି - ଯୁକ୍ତିର ଅତୀତ । ତେଣୁ ମୁଁ ଏତିକି ପରାମର୍ଶ ଦେବି ଯେ ଆମେ କଦାପି ସେହି ଅସମ୍ଭବ ଚେଷ୍ଟାଟିକୁ କରିବାଲାଗି ମନ କରିବାନାହିଁ । କୌଣସି ବୁଦ୍ଧି-ପରିଚାଳିତ ଯୁକ୍ତି ବା ପ୍ରଣାଳୀ ଦ୍ୱାରା ମୁଁ ମନ୍ଦର ଅସ୍ତିତ୍ୱକୁ ମଧ ପ୍ରମାଣ କରି ପାରିବିନାହିଁ । ଏପରି କରିବାକୁ ଚେଷ୍ଟା କରିବା ହେଉଛି ଭଗବାନଙ୍କର ସମକକ୍ଷ ହେବା । ତେଣୁ ମୁଁ ଯଥେଷ୍ଟ ବିନୟ ସହକାରେ ମନ୍ଦର ଅସ୍ତିତ୍ୱକୁ କେବଳ ମାନି ହିଁ ନେଉଛି । ଭଗବାନ ଯେ ପୃଥିବୀରେ ମନ୍ଦ ଲାଗି ସ୍ଥାନ ଛାଡ଼ି ଦେଇଛନ୍ତି, ମୁଁ ସେହି କାରଣରୁ ହିଁ ତାଙ୍କୁ ବହୁକାଳରୁ ଦୁଃଖ ସହୁଥିବା ଏବଂ ଧୈର୍ଯ୍ୟ ରଖିଥିବା ଜଣେ ଭଗବାନ ବୋଲି ବର୍ଣ୍ଣନା କରୁଛି । ମୁଁ ଭାବୁଛି ଯେ ତାଙ୍କ ଭିତରେ ଆଦୌ କୌଣସି ମନ୍ଦ ନାହିଁ ଏବଂ ତଥାପି ଯେ ପୃଥିବୀରେ ମନ୍ଦ ରହିଛି, ସେହି ମନ୍ଦକୁ ସେଇ ସୃଷ୍ଟି କରିଛନ୍ତି, ମାତ୍ର ମନ୍ଦ ତାଙ୍କୁ କଦାପି ସ୍ପର୍ଶ କରି ପାରୁନାହିଁ ।

ଆବଶ୍ୟକ ପଡ଼ିଲେ ଜୀବନକୁ ମଧ ପଣ କରି ମନ୍ଦ ସହିତ ଏବଂ ମନ୍ଦ ବିରୋଧରେ ସଂଗ୍ରାମ ନକଲେ ଯେ ମୁଁ କଦାପି ଭଗବାନଙ୍କୁ ଜାଣିବାକୁ ସମର୍ଥ ହେବିନାହିଁ, ମୁଁ ସେକଥା ମଧ ଜାଣିଛି । ମୋ'ନିଜର ସାମାନ୍ୟ ତଥା ସୀମିତ ଅନୁଭବ ହିଁ ମୋ'ର ସେହି ବିଶ୍ୱାସକୁ ପୁଷ୍ଟ କରି ରଖୁଛି । ମୁଁ ଯେତିକି ଅଧିକ ଶୁଦ୍ଧ ହେବାକୁ ଚେଷ୍ଟା କରୁଛି, ମୁଁ ଭଗବାନଙ୍କର ସେତିକି ଅଧିକ ନିକଟବର୍ତ୍ତୀ ହୋଇଆସୁଥିବା ପରି ଅନୁଭବ କରିପାରୁଛି । ଯେତେବେଳେ ମୋ'ର ବିଶ୍ୱାସ ବର୍ତ୍ତମାନ ପରି କେବଳ ଏକ ବା ସମର୍ଥନ ମାତ୍ର ହୋଇ ରହିବନାହିଁ, ମାତ୍ର ହିମାଳୟ ପର୍ବତ ପରି ଅଟଳ ତଥା ସେହି ପର୍ବତ ଶୃଙ୍ଗଗୁଡ଼ିକ ଉପରେ ରହିଥିବା ତୁଷାରରାଶି ପରି ଶୁଭ୍ର ଏବଂ ଉଜ୍ଜ୍ୱଳ ହୋଇ ପାରିବ, ସେତେବେଳେ ମୁଁ ତାଙ୍କର ପ୍ରକୃତରେ କେତେ ଅଧିକ ନିକଟବର୍ତ୍ତୀ ହୋଇନଯିବି ।

ପୃଥିବୀକୁ ଅସ୍ୱୀକାର କଲେ ହୁଏତ ମୁଁ ତଥାପି ବଞ୍ଚି ପାରିବି, ମାତ୍ର ମୋ'ର ଈଶ୍ୱରଙ୍କୁ ଅସ୍ୱୀକାର କରିବାର ସମ୍ଭାବନାଟିକୁ ମୁଁ ଚିନ୍ତା ମଧ କରି ପାରୁନାହିଁ ।

ମୁଁ ଯେ ଆଦୌ କିଛି କରି ପାରିବିନାହିଁ, ସେକଥା ମୁଁ ଜାଣେ । ଈଶ୍ୱର ହିଁ ସବୁ କରିପାରିବେ । ହେ ଭଗବାନ, ତୁମେ ମୋତେ ତୁମର ଏକ ଯୋଗ୍ୟ ଯନ୍ତ୍ରରୂପେ ତିଆରି କରିନିଅ ଏବଂ ତୁମର ଯେପରି ଇଚ୍ଛା, ମୋତେ ଠିକ୍ ସେହିପରିଭାବରେ ବ୍ୟବହାର କର । ମୁଁ ତାଙ୍କୁ ଦେଖିନାହିଁ, ତାଙ୍କୁ ଜାଣି ମଧ ନାହିଁ । ଈଶ୍ୱରଙ୍କ ପ୍ରତି ରହିଥିବା ପୃଥିବୀର ବିଶ୍ୱାସକୁ ମୁଁ ନିଜର ବିଶ୍ୱାସରେ ପରିଣତ କରିନେଇଛି ଏବଂ ମୋ'ର ସେହି ବିଶ୍ୱାସ କେବେ ମୋତେ ଛାଡ଼ିଯିବାର କୌଣସି ସମ୍ଭାବନା ଆଦୌ ନଥିବାରୁ, ସେହି ବିଶ୍ୱାସକୁ ମୁଁ ମୋ' ନିଜର ଅଭିଜ୍ଞତା ବୋଲି ମଧ ଅନୁଭବ କରୁଛି । ଅବଶ୍ୟ, ବିଶ୍ୱାସକୁ ଅନୁଭବ ବୋଲି କହିବା ସତ୍ୟର ଅପଳାପ କରିବା ସଦୃଶ ହୋଇଥିବାରୁ, ସମ୍ଭବତଃ ଏପରି କହିବା ଅଧିକ ନିର୍ଭୁଲ ହେବ ଯେ, ଈଶ୍ୱରଙ୍କ ଠାରେ ରହିଥିବା ମୋ'ର ବିଶ୍ୱାସକୁ ବର୍ଣ୍ଣନା ଦେଇ କହିବା ଲାଗି ମୋ'ପାଖରେ କୌଣସି ଶବ୍ଦ ନାହିଁ ।

ତୁମେ ଆଉ ମୁଁ ଏହି ଘର ଭିତରେ ବସିଛୁ, ଏହି କଥାଟି ବିଷୟରେ ମୁଁ ଯେତିକି ନିଶ୍ଚିତ, ଈଶ୍ୱରଙ୍କର ଅସ୍ତିତ୍ୱ ବିଷୟରେ ତା'ଠାରୁ ଅଧିକ ପରିମାଣରେ ନିଶ୍ଚିତ । ତା'ପରେ ମୁଁ ଏ କଥାଟିକୁ ମଧ ସିଦ୍ଧ କରିଦେଇ ପାରିବି ଯେ, ବାୟୁ ଏବଂ ଜଳ ନହେଲେ ହୁଏତ ମୁଁ ବଞ୍ଚିପାରିବି, ମାତ୍ର ଈଶ୍ୱରଙ୍କ ବ୍ୟତୀତ କଦାପି ବଞ୍ଚିପାରିବି ନାହିଁ । ତୁମେ ମୋ'ର ଆଖିଗୁଡ଼ିକୁ ଓପାଡ଼ି ନେଇପାର । ମାତ୍ର ତଦ୍ୱାରା ମୁଁ ମରିବି ନାହିଁ, ତୁମେ ମୋ'ର ନାକ କାଟି ଦେଇପାର, ତଦ୍ୱାରା ମଧ ମୁଁ କଦାପି ମରିବି ନାହିଁ । ମାତ୍ର, ଯଦି ତୁମେ ଭଗବାନଙ୍କ ଠାରେ ରହିଥିବା ମୋ'ର ବିଶ୍ୱାସକୁ ନଷ୍ଟ କରିଦେବ, ତେବେ ମୁଁ କଦାପି ବଞ୍ଚି ପାରିବି ନାହିଁ ।

ତୁମେ ଏହାକୁ ଏକ ଅନ୍ଧବିଶ୍ୱାସ ବୋଲି କହିପାର, ତଥାପି ମୁଁ ସ୍ୱୀକାର କରି କହୁଛି ଯେ, କୌଣସି ବିପଦ ଅଥବା ସଙ୍କଟର ଆଶଙ୍କା ଆସୁଥିବା ସମୟରେ ପିଲାଦିନେ ମୁଁ ଯେପରି ରାମଙ୍କର ନାମକୁ ଶ୍ରଦ୍ଧାର ସହିତ ସ୍ମରଣ କରୁଥିଲି, ଏହା ହେଉଛି ସେହିପରି ଏକ କଥା । ଜଣେ ବୃଦ୍ଧା ଧାଈ ମୋତେ ସେହି କଥାଟିକୁ ଶିଖାଇଥିଲେ ।

ଆମେ ଯଦି ମନୁଷ୍ୟକୁ ଭୟ ନକରନ୍ତେ ଏବଂ କେବଳ ପରମେଶ୍ୱରଙ୍କର ସତ୍ୟକୁ ହିଁ ଖୋଜି ବାହାରନ୍ତେ, ତେବେ ମୋ'ର ବିଶ୍ୱାସ ଯେ ଆମେ ସମସ୍ତେ ତାଙ୍କରି ବାର୍ତ୍ତାବହ ହୋଇପାରନ୍ତେ । ମୋ'ର ବିଶ୍ୱାସ ଯେ, ମୁଁ କେବଳ ଭଗବାନଙ୍କର ସତ୍ୟକୁ ଖୋଜୁଛି ଏବଂ ମନୁଷ୍ୟ ପ୍ରତି ଭୟରୁ ସମ୍ପୂର୍ଣ୍ଣଭାବରେ ମୁକ୍ତ ହୋଇ ଯାଇଛି ।

ମୋ' ଜୀବନରେ ଈଶ୍ୱର-ଇଚ୍ଛାର କୌଣସି ସ୍ୱତନ୍ତ୍ର ସତ୍ୟଉଦ୍‌ଘାଟନ ସମ୍ଭବ ହୋଇନାହିଁ । ମୁଁ ଅତ୍ୟନ୍ତ ଦୃଢ଼ଭାବରେ ବିଶ୍ୱାସ କରୁଛି ଯେ, ଈଶ୍ୱର ପ୍ରତ୍ୟହ ପ୍ରତ୍ୟେକ ବ୍ୟକ୍ତି ଲାଗି ଆପଣାକୁ ଉଦ୍‌ଘାଟିତ କରୁଛନ୍ତି, ମାତ୍ର ସେହି 'ସ୍ଥିର କ୍ଷୁଦ୍ର ବାଣୀ'ଟି ଲାଗି ଆମେ ଆପଣାର କାନକୁ ବନ୍ଦ କରି ରଖୁଛୁ । ଆମ ସମ୍ମୁଖରେ ଦଣ୍ଡାୟମାନ ରହିଥିବା ସେହି ଅଗ୍ନିସ୍ତମ୍ଭଟି ଲାଗି ମଧ ଆମେ ଆଖି ବୁଜି ରଖୁଛୁ । ମୁଁ ତାଙ୍କର ସର୍ବତ୍ର-ଉପସ୍ଥିତିକୁ ଉପଲବ୍ଧି କରିପାରୁଛି ।

ମୋ'ର କେତେ ପତ୍ରପ୍ରେରକ ଭାବୁଛନ୍ତି ଯେ, ମୁଁ ଅନେକ ଅଲୌକିକ କଥାକୁ ସମ୍ଭବ କରିପାରିବି । ମୋ'ର ଯେ ସେପରି କୌଣସି ଶକ୍ତି ନାହିଁ, ସତ୍ୟର ଜଣେ ଉପାସକ ହିସାବରେ ମୋ'ର ଏହି କଥା କହିଦେବା ଉଚିତ୍ । ମୋ ଭିତରେ ହୁଏତ ଶକ୍ତିରୂପେ ଯାହାକିଛି ଅଛି, ତାହା ଈଶ୍ୱରଙ୍କ ପାଖରୁ ଆସିଛି । ମାତ୍ର ସେ ସିଧାଭାବରେ କଦାପି କିଛି କରନ୍ତି ନାହିଁ । ସେ ତାଙ୍କର ଅଗଣିତ ନିମିତ୍ତଗୁଡ଼ିକର ମାଧମରେ ଯାହାକିଛି କରନ୍ତି ।

# ସ୍ୱର୍ବେଦ


ଦଶୋ ପ୍ରାଣ ଇସ ଦେହ ମେଁ, କରେଁ ସକଲ ବ୍ୟଓ୍ୱପାର ।
ପଞ୍ଚ ପ୍ରାଣ ଉପ ପ୍ରାଣ ହୈଁ, କର୍ମ ନ ଭେଦ ଓ୍ୱିକାର ।।୬୧।।

ଭାଷ୍ୟ - ଦଶ ପ୍ରାଣ ଏହି ଶରୀରରେ ନିଜ ନିଜ ସ୍ଥାନମାନଙ୍କରେ ନିଜ ଧର୍ମ ଅନୁସାରେ ସମସ୍ତ ବ୍ୟବହାର କରିଥାନ୍ତି । ପାଞ୍ଚ ପ୍ରାଣ ଆଉ ପାଞ୍ଚ ଉପପ୍ରାଣ ଅଛନ୍ତି ।

ବ୍ୟାନ ସମାନ ଉଦାନ ହୈଁ, ଅଓ୍ୱରୋ ପ୍ରାଣ ଅପାନ ।
କିରକିଲ କୂର୍ମ ଧନୟ, ନାଗ ଦେଓ୍ୱ ଦତ୍ତ ଜାନ ।।୬୨।।

ଭାଷ୍ୟ - ପ୍ରାଣ, ଅପାନ, ସମାନ, ବ୍ୟାନ ଆଉ ଉଦାନ - ଏ ସମସ୍ତ ପ୍ରାଣ ଅଟନ୍ତି ଓ କୃକିଳ, ଧନୟ, କୂର୍ମ, ନାଗ ଏବଂ ଦେବଦତ୍ତ - ଏ ପଞ୍ଚ ଉପପ୍ରାଣ ଅଟନ୍ତି ।

ପ୍ରାଣ ରୂପ ସେ ହୃଦୟ ମେଁ, ମୂଲହିଁ ଦ୍ୱାର ଅପାନ ।
ନାଭୀ ରୂପ ସମାନ ହୈଁ, କଣ୍ଠହିଁ ରୂପ ଉଦାନ ।।୬୩।।



ଭାଷ୍ୟ - ହୃଦୟରେ ପ୍ରାଣ, ମୂଳ ଦ୍ୱାରରେ ଅପାନ, ନାଭିରେ ସମାନ ଆଉ କଣ୍ଠରେ ଉଦାନ ବାୟୁ ସ୍ଥିତ ରହିଥାଏ । ଏହି ପଞ୍ଚପ୍ରାଣର ନିଜ ନିଜ ସ୍ଥାନରେ ଅଲଗା ଅଲଗା କାର୍ଯ୍ୟ ରହିଥାଏ ଯାହା ଦ୍ୱାରା ଶରୀରର ପୋଷଣ ହୋଇଥାଏ ।

ସକଲ ଦେହ ମେଁ ବ୍ୟାନ ହୈଁ, ନସ ନାଡ଼ୀ ପୈଠାର ।
କାରିୟା ସର୍ଓ୍ୱ ଶରୀର କୀ, ପ୍ରାଣନ କେର ଅଧାର ।।୬୪।।

ଭାଷ୍ୟ - ଦେହର ସମସ୍ତ ଶିରା, ପ୍ରଶିରାରେ ବ୍ୟାନ ବାୟୁ ରହିଛି । ଏହି ପ୍ରାଣମାନଙ୍କ ଦ୍ୱାରା ଶରୀରର ସମସ୍ତ କ୍ରିୟା ସମ୍ପାଦିତ ହେଉଛନ୍ତି । ଏଗୁଡ଼ିକର ବିକୃତି ଏବଂ ବିଲୋମ ହେବା ପରେ ଶରୀର ଭିତରେ ଅନେକ ପ୍ରକାରର ବ୍ୟାଧିମାନଙ୍କର ଉପଦ୍ରବ ହୋଇଥାଏ । ସେଥିପାଇଁ ବିବେକୀ ପୁରୁଷ ଏ ବାୟୁମାନଙ୍କର ଜ୍ଞାନ କରି ତଥା ପ୍ରାଣର ସଂଯମ କରି ନୀରୋଗ ଆଉ ଦୀର୍ଘାୟୁ ହୋଇଥାନ୍ତି ।

ଓ୍ୱିଦ୍ୟା ପ୍ରାଣ ଅପାର ହୈଁ, ଯୋଗୀ ଜାନତ ଭେଦ ।
ରୂପ ପଚାସୀ ପଓ୍ୱନ ହୈଁ, ଓ୍ୱିଓ୍ୱିଧ କର୍ମ ଗତି ଓ୍ୱେଦ ।।୬୫।।

ଭାଷ୍ୟ - ପ୍ରାଣ ବିଦ୍ୟା ଅପାର ଅଟେ, ଯାହାର ଭେଦ ଯୋଗୀଜନ ଜାଣନ୍ତି । ପଞ୍ଚାଅଶୀ ପ୍ରକାରର ପବନ ହୋଇଥାନ୍ତି, ଯେଉଁମାନଙ୍କର ବିବିଧ ବ୍ୟବହାର ଆଉ ଗତିମାନଙ୍କର ଜ୍ଞାନ ରହିଛି । ଅତଏବ ଏହି ପ୍ରାଣ ବିଦ୍ୟାର ବିଜ୍ଞାନୀ ଯୋଗୀ ହିଁ ଏହାର ରହସ୍ୟ ଭେଦର ପୂର୍ଣ୍ଣ ବେତ୍ତା ହୋଇପାରିବେ ।

ନୀର ତୋ ଛତିସ ଜାନିୟେ, ପଓ୍ୱନ ପଚାସୀ ଜ୍ଞାନ ।
ଦେଓ୍ୱ ସଦାଫଲ ଅଗମ ହୈଁ, ବ୍ରହ୍ମଓ୍ୱିଦ୍ୟା ଓ୍ୱିଜ୍ଞାନ ।।୬୬।।

ଭାଷ୍ୟ - ଛତିଶ ପ୍ରକାରର ଜଳ ଏବଂ ପଞ୍ଚାଅଶୀ ପ୍ରକାରର ପବନର ଜ୍ଞାନ ରହିଛି । ବ୍ରହ୍ମବିଦ୍ୟାର ବିଜ୍ଞାନ ଅଗମ୍ୟ ଅଟେ । ସମସ୍ତ ଜ୍ଞାନଗୁଡ଼ିକର ଆଧାର ବ୍ରହ୍ମବିଦ୍ୟା ଅଟେ । ବ୍ରହ୍ମବିଦ୍ୟା ବିଜ୍ଞାନ ଦ୍ୱାରା ଆତ୍ମା ଆଉ ବ୍ରହ୍ମଙ୍କର ଜ୍ଞାନ ଏବଂ ପ୍ରକୃତି-ସ୍ଥିତ ସମସ୍ତ ତତ୍ତ୍ୱର ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ । ସେଥିପାଇଁ ବ୍ରହ୍ମକୁ 'ଅଗମ' ବୋଲି କୁହାଯାଉଛି । ମନ, ବୁଦ୍ଧି ଏବଂ ଇନ୍ଦ୍ରିୟ ଉର୍ଦ୍ଧ୍ୱରେ ରହି ସାଧନ ହେଉଥିବାରୁ ବ୍ରହ୍ମବିଦ୍ୟା ଦ୍ୱାରା ପ୍ରାପ୍ତ ହେବାକୁ ଥିବା ତତ୍ତ୍ୱକୁ 'ଅଗମ' କୁହାଯାଏ ।

।। ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ, ସପ୍ତମ ଅଧ୍ୟାୟ ଭାଷ୍ୟ ସମାପ୍ତ ।।

# ଦେଶୀ ସ୍ନାକ୍ସ ମଖାନା



ମଖାନା ଏକ ପ୍ରକାର କୋଳି । ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ଏଥିରେ ପ୍ରଚୁର ତନ୍ତୁ, ପ୍ରୋଟିନ ଓ କାର୍ବୋହାଇଡ୍ରେଟ୍ସ୍ ରହିଛି । ଏହିକୋଳି ସମ୍ପୂର୍ଣ୍ଣ ଗ୍ଲୁଟେନ ମୁକ୍ତ ।

ମଖାନାକୁ ଫକ୍ସ ସିଡ୍ସ ବା ଲୋଟସ ସିଡ୍ସ କୁହାଯାଏ । ଏହା ସ୍ଥିର ପାଣିଥିବା ଗାଡ଼ିଆ, ହ୍ରଦ ଓ ସନ୍ତସନ୍ତିଆ ଜାଗାରେ ହୁଏ । ଏହି କୋଳିକୁ ଫାଷ୍ଟିଂ ଫୁଡ ବି କୁହାଯାଏ । କାରଣ ଆଧାତ୍ମିକ ଉତ୍ସବମାନଙ୍କରେ ଏହାର ଆବଶ୍ୟକତା ବେଶୀ ରହିଛି । ଏହି ଦେଶୀ ସ୍ନାକ୍ସ ଏବେ ବିଶ୍ୱସ୍ତରୀୟ ପ୍ରୋଟିନଯୁକ୍ତ ଖାଦ୍ୟ ଭାବେ ଗଣାଯାଉଛି । ଏମିତିକି ୱାଲଟସ୍ ଓ ଆଲମଣ୍ଡ ଠାରୁ ଏହା ଆଗରେ ରହିଥିବା କୁହାଯାଉଛି ।

ମଖାନାରେ ବେଶୀ ତନ୍ତୁ ଓ କମ୍ କ୍ୟାଲୋରି ରହିଥିବାରୁ ଏହା ଓଜନ କମ୍ କରେ । କମ୍ ସୋଡିୟମ ଓ ବେଶୀ ମ୍ୟାଗ୍ନେସିୟମ ଥିବାରୁ ଏହା ହାର୍ଟ ଡିଜିଜ, ଉଚ୍ଚ ରକ୍ତଚାପ, ଡାଇବେଟିସ୍ ଓ ମେଦ ବହୁଳତାରେ ପୀଡିତଙ୍କ ପାଇଁ ଉପକାରୀ । ଏଥିରେ ଆଣ୍ଟି ଏଜିଂ ଏଞ୍ଜାଇମ୍ ଥିବାରୁ ଏହା କ୍ଷତି ହୋଇଥିବା ପ୍ରୋଟିନ ଭରଣା କରିପାରେ । ଅତ୍ୟଧିକ କାର୍ବୋହାଇଡ୍ରେଟସ ରହିଥିବ ଖାଦ୍ୟଠାରୁ ଏହାର ଗ୍ଲାଇସେମିକ ଇଣ୍ଡେକ୍ସ କମ୍ । ଏହି କାରଣରୁ କିଡନୀ ଲାଗି ଏହା ଉପକାରୀ ।

ମଖାନାକୁ କଞ୍ଚା ଭାଜି କିମ୍ବା ସିଝାଇ ଖାଇ ପାରିବେ । ସାଲାଡରେ ବି ମିଶାଇ ଖାଇ ପାରିବେ । କ୍ଷୀରିରେ ମଧ ପକାଯାଏ । ବାଜରା ଓ ସୋୟା ସହ ଏହାକୁ ଗୁଣ୍ଡ କରି ମାଖନା ଖିଆଯାଏ ।

# ଆତ୍ମଜ୍ଞାନ ହିଁ ସର୍ବୋପରି ... ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ମୁଁ ଯେଉଁ ବ୍ରହ୍ମଜ୍ଞାନକୁ ପାଇବାର ଲାଳସାରେ ତପ କରିବା ପାଇଁ ଯିବାକୁ ଚାହୁଁଛି, ଭଗବତ୍ କୃପାରୁ ସେହି ବ୍ରହ୍ମଜ୍ଞାନକୁ ପାଇବାର ଲାଳସା ତୁମର ମଧ ଅଛି । ଯେଉଁ ବସ୍ତୁ ମୋର ଅତିପ୍ରିୟ ସେହି ବସ୍ତୁ ତୁମକୁ ମଧ ପ୍ରିୟ । ତେଣୁ ଘରୁ ବାହାରିବା ପୂର୍ବରୁ ତୁମକୁ କିଛି ଅମୃତ ଉପଦେଶ ଦେବାକୁ ଚାହୁଁଛି, ଯାହା ଉପରେ ଚିନ୍ତନ-ମନନ ଓ ଆଚରଣ କରିବା ଦ୍ୱାରା ଦିନେ ତୁମକୁ ବ୍ରହ୍ମଜ୍ଞାନର ଉପଲବ୍ଧ ଅବଶ୍ୟ ହୋଇ ପାରିବ । ସେତେବେଳେ ମହର୍ଷି ଯାଜ୍ଞବଲ୍କ୍ୟ ଉପଦେଶ ଦେବାକୁ ଯାଇ କହିଲେ- 'ହେ ମୈତ୍ରେୟୀ ! ଏହି ସଂସାରରେ ପତି-ପତ୍ନୀ, ମାତା-ପିତା, ଭାଇ-ଭାଇ, ଭାଇ-ଭଉଣୀ, ସନ୍ତାନ ତଥା କୁଟୁମ୍ବୀଜନ ସମସ୍ତେ ଜଣେ ଅନ୍ୟ ଠାରୁ ସୁଖ ପାଇବାର କାମନାରେ ହିଁ ପରସ୍ପରକୁ ପ୍ରେମ କରିଥାନ୍ତି । ସେଥିରେ ଅନ୍ୟମାନଙ୍କୁ ସୁଖ ଦେବାର ଭାବନା ମୁଖ୍ୟ ହୋଇ ନଥାଏ । ସୁଖର କାମନା ସମ୍ପର୍କର କେନ୍ଦ୍ର ହେବା କାରଣରୁ ହିଁ ପ୍ରତ୍ୟେକ ପଦାର୍ଥ ବା ପ୍ରାଣୀ ପରସ୍ପରକୁ ପ୍ରିୟ ଲାଗିଥାନ୍ତି ।

ଋଷିବର ପୁଣି କହିଲେ- "ହେ ମୈତ୍ରେୟୀ ! ନିଜର ଯେଉଁ ଆତ୍ମାକୁ ସୁଖ ପହଞ୍ଚାଇବାରେ ଆମେ ସାରା ଜୀବନର ସଂପୂର୍ଣ୍ଣ ଶକ୍ତି ଲଗାଇ ଦେଇଥାଉ, ସେହି ଆତ୍ମାର ସ୍ୱରୂପକୁ ଚିହ୍ନିବା ହିଁ ଆମର ଜୀବନର ଲକ୍ଷ୍ୟ ହେବା ଉଚିତ । ଏହାକୁ ଜାଣିବା ପରେ ମନର ସମସ୍ତ ତର୍କ-ବିତର୍କ, ଦ୍ୱନ୍ଦ-ଦୁଃଖ ଦୂର ହୋଇଯାଏ ।ଏଣୁ ତୁମେ ଏହି ତତ୍ତ୍ୱଜ୍ଞାନକୁ ଗ୍ରହଣ କର । ଏଥିରେ ତୁମ ଜୀବନର ସଫଳତା ରହିଛି ଏବଂ ଏଥିରେ ମାନବ ଜୀବନର ଗରିମା ନିହିତ ।

ନିଜର କଥାକୁ ସ୍ପଷ୍ଟ କରି ଋଷିବର ମୈତ୍ରେୟୀଙ୍କୁ କହିଲେ-"ଦେଖ, ଏହି ଶରୀରରେ ବା ସଂସାରରେ ଆତ୍ମା ହିଁ ସତ୍ୟ ଏବଂ ସମଗ୍ର ଜ୍ଞାନ ଓ ପଦାର୍ଥ ସେହି ଆତ୍ମାର ଅମରତାକୁ ଜାଣିବା ପାଇଁ ସାଧନ ମାତ୍ର । ତେଣୁ ଆତ୍ମାକୁ ହିଁ ଜାଣ, ମାନ ଓ ଚିହ୍ନ । ଏହା ଶାଶ୍ୱତ ସତ୍ୟ, ଏହା ହିଁ ରହସ୍ୟ ।" ପୁଣି ଋଷିବର ମୈତ୍ରେୟୀଙ୍କ ସାମନାରେ ଅନେକ ସୁନ୍ଦର ଉଦାହରଣ ଦେଇ ଅଦୃଶ୍ୟ, ପରନ୍ତୁ ଜ୍ଞାନର ମୂଳ ଲକ୍ଷ୍ୟ ଆତ୍ମାର ଶ୍ରେଷ୍ଠତାକୁ ସ୍ପଷ୍ଟ କଲେ ।

ସେ କହିବାକୁ ଲାଗିଲେ - "ଯେତେବେଳେ ନାଗରାକୁ ବଜା ଯାଇଥାଏ ତ ସେଥିରୁ ଧ୍ୱନି ବାହାରି ଆସେ । ମୈତ୍ରେୟୀ ! ଯଦି ତୁମେ ସେହି ନାଗରାରୁ ବାହାରୁଥିବା ଧ୍ୱନିକୁ ଧରିବା ପାଇଁ ଚାହିଁବ ତ ଧରି ପାରିବ ନାହିଁ । ହଁ ! ତୁମେ ନାଗରାରେ ହାତ ରଖିବା ନାଗରା ବଜାଉଥିବା ହାତକୁ ଧରି ଅର୍ଥାତ୍ ତାକୁ ନାଗରା ବଜାଇବାରୁ ଅଟକାଇ ହିଁ ସେହି ଧ୍ୱନିଗୁଡ଼ିକୁ ରୋକି ପାରିବ । ସେହି ଧ୍ୱନିଗୁଡ଼ିକୁ ନାଗରାରୁ ବାହାରିବାରୁ ରୋକି ପାରିବ । ସେହିପରି ଇନ୍ଦ୍ରିୟ ରୂପୀ ନାଗରାର ଧ୍ୱନିକୁ ଧରିବା ବା ରୋକିବା ପାଇଁ ତୁମେ ପ୍ରଥମେ ପାଞ୍ଚ କର୍ମେନ୍ଦ୍ରିୟ ଓ ପାଞ୍ଚ ଜ୍ଞାନେନ୍ଦ୍ରିୟ ଉପରେ ସଂଯମ, ବଶ ବା ନିୟନ୍ତ୍ରଣ କରି, ଆଗକୁ ବଢ଼ି ଆତ୍ମାକୁ ଧରି ପାରିବ । ସେତେବେଳେ ସାରା କାମ ସ୍ୱତଃ ହିଁ ସାଧ୍ୱ ହୋଇଯିବ ।

ଋଷିବର ନାଗରା ପରେ ଦ୍ୱିତୀୟ ଉଦାହରଣ ଶଙ୍ଖର ଦେଲେ । ସେ କହିଲେ- "ଶଙ୍ଖ ଆମକୁ ଆଖିରେ ଦେଖାଯାଇଥାଏ । ତାକୁ ବଜାଇବା ପରେ ସେଥିରୁ ବାହାରୁଥିବା ଶବ୍ଦ କାନକୁ ଶୁଣାଯାଇ ଥାଏ, କିନ୍ତୁ ନେତ୍ର ଦ୍ୱାରା ଦେଖାଯାଇ ନଥାଏ । ଏବେ ଯଦି ସେହି ଶଙ୍ଖର ଶବ୍ଦକୁ ତୁମେ ରୋକିବାକୁ ଚାହିଁବ ତ ପ୍ରଥମେ ଶଙ୍ଖକୁ ଧରିବାକୁ ହେବ ଏବଂ ଶଙ୍ଖ ବଜାଉଥିବା ବ୍ୟକ୍ତିକୁ ଅଟକାଇବାକୁ ହେବ । ଶଙ୍ଖକୁ ଫୁଙ୍କିବା ଦ୍ୱାରା ସେଥିରୁ ଧ୍ୱନି ତ ବାହାରିବ । ତାକୁ ବଢ଼ାଇଲେ ସେଥିରୁ ନିଶ୍ଚିତ ଆବାଜ ବାହାରିବ ।

ସେ ଆଗକୁ କହିଲେ - "ଏଣୁ ଯଦି ଶଙ୍ଖରୁ ବାହାରୁଥିବା ଧ୍ୱନିକୁ ରୋକିବାର ଅଛି ତ ତାକୁ ଫୁଙ୍କିବା ବା ବଜାଇବାର କାମ ରୋକିବାକୁ ପଡ଼ିବ । ଠିକ୍ ସେହିପରି ବିଷୟ-ଭୋଗଗୁଡ଼ିକ ପଛରେ ଆମ ଇନ୍ଦ୍ରିୟଗୁଡ଼ିକର ଯେଉଁ ଦଉଡ଼, ଯେଉଁ ଆକର୍ଷଣ ରହିଛି, ତାକୁ ରୋକିବା ପାଇଁ ମନରେ ବିଷୟ-ଭୋଗଗୁଡ଼ିକୁ ପାଇବା ବା ଭୋଗିବାର ଯେଉଁ ପ୍ରବୃତ୍ତି ଅଛି, ତାକୁ ଧରିବାକୁ ହେବ, ତାକୁ ଲୋପ କରିବାକୁ ପଡ଼ିବ । ଯଦି ସେହି ପ୍ରବୃତ୍ତି ଲୋପ ହୋଇଗଲା ତ ଇନ୍ଦ୍ରିୟଗୁଡ଼ିକ ସେହି ବିଷୟଗୁଡ଼ିକୁ ଦେଖିଲେ ମଧ ସେହି ଦିଗକୁ ଆକର୍ଷିତ ହେବେ ନାହିଁ ଯଦି ଲଗାମକୁ ହିଁ ଧରି ପକାଇଲ ତ ଇନ୍ଦ୍ରିୟ ରୂପକ ଘୋଡ଼ା ଆପେ ଆପେ ନିୟନ୍ତ୍ରିତ ହୋଇଯିବେ । ଯଦି ମନରୁ ବିଷୟ-ଭୋଗଗୁଡ଼ିକୁ ପାଇବାର ପ୍ରବୃତ୍ତିକୁ ଶେଷ କରି ଦିଆଯିବ ତ ପୁଣି ଇନ୍ଦ୍ରିୟଗୁଡ଼ିକରୁ ବିଷୟଗୁଡ଼ିକୁ ପାଇବାର କୌଣସି ରଜୋଗୁଣୀ ବା ତମୋଗୁଣୀ ଧ୍ୱନି ବାହାରିବ ନାହିଁ ।

ପୁଣି ଋଷିବର ତୃତୀୟ ଉଦାହରଣ ବୀଣାର ଦେଇ କହିଲେ- "ହେ ମୈତ୍ରେୟୀ । ଯଦି ତୁମେ ବୀଣାର ମଧୁର ତାନ ବା ସ୍ୱରଗୁଡ଼ିକୁ ଗ୍ରହଣ କରିବାକୁ ଚାହିଁବ, ତ ତାହାର ମଧୁରତା ପାଇବା ପାଇଁ ତୁମେ ତାନକୁ ଧରି ପାରିବ ନାହିଁ, ସେଥିପାଇଁ ପ୍ରଥମେ ବୀଣାକୁ ଓ ଶେଷରେ ତାକୁ ବଜାଉଥିବା ବ୍ୟକ୍ତିର ହାତକୁ ଧରିବାକୁ ପଡ଼ିବ ସେହି ମଧୁର ସ୍ୱରକୁ ଛାଡ଼ିବା ବାଲା ଅନ୍ତିମ ରୂପରେ ଆତ୍ମା ହିଁ ଅଟେ । ଯେହେତୁ ଆତ୍ମା ସ୍ୱୟଂ ବୀଣା ବାଦକ, ତେଣୁ ବୀଣାରୁ ଝରୁଥିବା ସ୍ୱରରେ, ତାନରେ ଯେଉଁ ମଧୁରତା ରହିଛି, ତାହା ପ୍ରକୃତରେ ଆତ୍ମାର ହିଁ ମଧୁରତା ଅଟେ ଏବଂ ଆତ୍ମାର ମଧୁରତା ହିଁ ବୀଣାର ତାନରେ ମୁଖରିତ ହେଉଛି । ତେଣୁ ହେ ମୈତ୍ରେୟୀ ! ତୁମେ ସେହି ଆତ୍ମାକୁ ହିଁ ଜାଣ, ଚିହ୍ନ; ଯାହା ମଧୁରତା, ଅମରତା ଓ ଆନନ୍ଦର ବାସ୍ତବିକ ସ୍ରୋତ ଅଟେ ।" ଏହା ପରେ ଋଷି ବର କହିଲେ -ହେ ମୈତ୍ରେୟୀ ! ମୁଁ ତୁମକୁ ଆଉ ଏକ ଉଦାହରଣ ଦେଉଛି । ଯେମିତି ପାଣିରେ ଗୋଳି ହୋଇଥିବା ଲୁଣକୁ ସେଥିରୁ ଅଲଗା କରାଯାଇ ନ ପାରେ, ସେମିତି ଏହି ଆତ୍ମା ଜୀବନର ଶକ୍ତି ଓ ସୃଷ୍ଟିର ସମସ୍ତ ପଦାର୍ଥରେ ବ୍ୟାପ୍ତ । ଯେପର୍ଯ୍ୟନ୍ତ ସେହି ପଦାର୍ଥଗୁଡ଼ିକ ସେହି ଆତ୍ମା ଠାରୁ ପୃଥକ୍ ଥାଏ, ସେପର୍ଯ୍ୟନ୍ତ ସେଗୁଡ଼ିକର ଅଲଗା ସତ୍ତାର ଅନୁଭବ ହୋଇଥାଏ, କିନ୍ତୁ ଯେବେ ଆତ୍ମାରେ ସେଗୁଡ଼ିକର ବିଲୟ ହୋଇଯାଏ ତ ପୁଣି ସେଗୁଡ଼ିକର ପୃଥକ୍ ସତ୍ତା ରହେ ନାହିଁ ।"

ଶେଷରେ ଋଷିବର କହିଲେ- ହେ ମୈତ୍ରେୟୀ ! ଏହା ସତ୍ୟ ଯେ ଆତ୍ମା ଓ ସୃଷ୍ଟିର ପଦାର୍ଥଗୁଡ଼ିକୁ ଭିନ୍ନ ମାନିବା ହିଁ ଭୟ ଓ ଦୁଃଖର କାରଣ । ତେଣୁ ଆତ୍ମାକୁ ଜାଣି । ଏହା ହିଁ ରହସ୍ୟ । ବେଦ – ଶାସ୍ତ୍ରଗୁଡ଼ିକର ଏହା ଅନୁଶାସନ, ଆଦେଶ ଅଟେ ତଥା ମୋର ମଧ ଏହା ହିଁ ଉପଦେଶ । ଏହି ତତ୍ତ୍ୱକୁ ଭଲ ଭାବେ ଜାଣ, ଚିହ୍ନ ଏବଂ ତାହାକୁ ଆଚରଣ କର ।" ଏହି ପ୍ରକାର ମୈତ୍ରେୟୀଙ୍କ ସମକ୍ଷରେ ଆତ୍ମବଳ ପ୍ରକାଶିତ କରି ମହର୍ଷି ଯାଜ୍ଞବଲ୍କ୍ୟ ତପ କରିବା ପାଇଁ ତପୋବନ ଆଡ଼କୁ ପ୍ରସ୍ଥାନ କଲେ । କାଳାନ୍ତରରେ ମୈତ୍ରେୟୀ ତପ-ସାଧନାର ସେହି ପଥରେ ଯାଇ ଜଣେ ବିଦୁଷୀ ଓ ତପସ୍ୱୀ ନାରୀ ଭାବରେ ବିଖ୍ୟାତ ହେଲେ ।

## ଟିକିଏ ହସନ୍ତୁ

ସ୍ତ୍ରୀ ମାର୍କେଟରୁ ଫେରିବା ବେଳେ ହାତରେ ଏକ ପଲିଥିନ ଧରିଥାନ୍ତି । ତାକୁ ଦେଖି
ସ୍ୱାମୀ : ମତେ ଲାଗୁଛି ମାର୍କେଟରୁ ତମେ ମୋ ପାଇଁ କିଛି ଭଲ ଖାଇବା ଜିନିଷ ଏଇ ପଲିଥିନରେ ଆଣିଛ ।
ସ୍ତ୍ରୀ: ଠିକ୍ କହିଲ । ଏଥିରେ ମୋର ନୂଆ ସ୍ୟାଣ୍ଡେଲ ଅଛି ।

× × × × ×

ସ୍ୱାମୀ ସ୍ତ୍ରୀଙ୍କ ଭିତରେ ପ୍ରବଳ ଝଗଡ଼ା ଚାଲିଥାଏ ।
ସ୍ୱାମୀ ରାଗିକି : ତୁମ ଭଳି ଶହେଜଣ ମତେ ମିଳିଯିବେ ?
ସ୍ତ୍ରୀ ହସିକି : ଏବେବି ମୋରି ଭଳି ତମକୁ ଦରକାର ? ସତରେ ତମେ ମତେ କେତେ ଭଲ ପାଅ ।

× × × ×

ବହୁ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିବା ୭୦ ବର୍ଷ ବୟସ୍କ ରାମବାବୁ ତାଙ୍କର ୬୫ ବର୍ଷ ବୟସ୍କା ସ୍ତ୍ରୀ ରାଧାଙ୍କୁ : ତମର ମନେ ଅଛି, ଆମେ କେମିତି ଘରୁ ଲୁଚି ଲୁଚି ଆସି ଦେଖା କରୁଥିଲେ ।
ରାମ ବାବୁଙ୍କ ସ୍ତ୍ରୀ : ହଁ । ଆମେ ପୁଣିଥରେ ସେମିତି ଲୁଚି ଲୁଚି ଦେଖାହେବା କି ?



ରାମବାବୁ: ହଁ, ବଢ଼ିଆ ମଜା ହେବ । ତମେ କାଲି ଠିକ୍ ସନ୍ଧ୍ୟା ୬ଟାରେ ମତେ ପାର୍କରେ ଦେଖା କରିବ ।
ରାଧା: ହଉ ।
ରାମବାବୁ ପରଦିନ ସନ୍ଧ୍ୟାରେ ଅନେକ ସମୟ ଅପେକ୍ଷା କରିବା ପରେ ବି ରାଧା ଆସିଲେନି । ଘରକୁ ଯାଇ ରାମବାବୁ ରାଧାଙ୍କୁ: ତମେ ମତେ ଦେଖାକରିବାକୁ କାହିଁକି ଆସିଲନି ।
ରାଧା: କେମିତି ଆସିଥାନ୍ତି, ମୋ ମା' ପରା ମତେ ଜମାରୁ ଛାଡ଼ିଲାନି ।

× × × × ×

ମହିଳା ଡ୍ରାଇଭିଂ ଲାଇସେନ୍ସର ଇଣ୍ଟରଭ୍ୟୁ ଦେବାକୁ ଯାଇଥାନ୍ତି ।
ଅଫିସର ମହିଳାଙ୍କୁ: ଯଦି ଆପଣଙ୍କ ଗାଡି ସାମ୍ନାକୁ ଭାଇ ଓ ସ୍ୱାମୀ ଚାଲିଆସନ୍ତି ତେବେ କାହାକୁ ମାରିବେ ?
ମହିଳା କିଛି ସମୟ ଭାବିବା ପରେ : ସ୍ୱାମୀଙ୍କୁ ।
ଅଫିସର: ଭୁଲି ଯାଉଛନ୍ତି ବୋଧେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଇଣ୍ଟରଭ୍ୟୁ ଦେଉଛନ୍ତି । ଆପଣ ବ୍ରେକ୍ ମାରିବେ, ସ୍ୱାମୀଙ୍କୁ ନୁହେଁ ।

× × × ×

ଶିକ୍ଷକ ପପୁକୁ: ଝିଟିପିଟି କ'ଣ ?
ପପୁ: ଝିଟିପିଟି ଏକ ଗରିବ କୁମ୍ଭୀର, ଯାହାକୁ ପିଲାଦିନେ ବର୍ନଭିଟା ବାଲା କ୍ଷୀର ପିଇବାକୁ ମିଳିନି । ତେଣୁ ସେ କୁପୋଷଣର ଶିକାର ହୋଇଗଲା ।

× × × × ×


ଶିକ୍ଷକ : କାନ୍ଥବାଡର ବି କାନ ଥାଏ ।
ଏହାର ଅର୍ଥ କିଏ କହିପାରିବ ?
ମଣ୍ଟୁ: ଏହାର ଅର୍ଥ ହେଉଛି ଯେ, କେହି ବି କାନ୍ଥ ଉପରେ ସୁସୁ କରିବା ଠିକ୍ ନୁହେଁ । ନହେଲେ କାନ୍ଥର କାନ ଭିତରେ ସୁସୁ ପଶିଯିବ ।

# କନ୍ଦମୂଳର ଉପକାରିତା

କନ୍ଦମୂଳକୁ ସୁଇଟ୍ ପଟାଟୋ ବା ମିଠା ଆଳୁ ବି କୁହାଯାଏ । ବହୁଲୋକ ଏହାକୁ ଆଳୁ ସହିତ ତୁଳନା କରିଥାନ୍ତି । କନ୍ଦମୂଳକୁ ତରକାରୀ ତଥା ସିଝାଇ ଓ ପୋଡି ଖାଇବାକୁ ଲୋକ ପସନ୍ଦ କରୁଥିଲେ ହେଁ, ଏଥିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ଭରି ରହିଛି । ଯାହାକି, ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।

ଅଧିକ ଭିଟାମିନ୍: କନ୍ଦମୂଳରେ ଭିଟାମିନ୍ ଏ' କ୍ୟାଲସିୟମ, ଫସଫରସ, ସୋଡିୟମ୍, ଆଇରନ ଭରପୁର ମାତ୍ରାରେ ରହିବା ସହିତ ଭିଟାମିନ୍ ସି' ଅଳ୍ପମାତ୍ରାରେ ମିଳିଥାଏ । କନ୍ଦମୂଳ ଖାଇବାକୁ ଖୁବ୍ ମିଠା । ଏହାକୁ ଖାଇବା ଫଳରେ ରକ୍ତ ବଢ଼ିଥାଏ ।

ଆଣ୍ଟି ଅକ୍ସିଡାଣ୍ଟ: କନ୍ଦମୂଳ ଖାଦ୍ୟରେ କ୍ୟାଲୋରି ଓ ଷ୍ଟାର୍ଚ ମାତ୍ରା ରହିଛି ।



କନ୍ଦମୂଳରେ ସେଚୁରେଟେଡ ଫ୍ୟାଟ୍ ଓ କୋଲେଷ୍ଟ୍ରଲ ଆଦୌ ରହି ନ ଥାଏ । ଏହି ଖାଦ୍ୟରେ ଫାଇବର, ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍ ଓ ମିନେରାଲ ସମୃଦ୍ଧ ସ୍ରୋତ ରହିଥାଏ ।

ପଦର ରୋଗ: କନ୍ଦମୂଳରେ ପଦର ରୋଗ ପାଇଁ ଫଳପ୍ରଦ । ପଦର ରୋଗ ପାଇଁ କନ୍ଦମୂଳକୁ ଖଣ୍ଡ ଖଣ୍ଡ କାଟି ଏହାକୁ ଖରାରେ ଶୁଖାଇ ଚୂର୍ଣ୍ଣ କରି ଏକ ଏୟାର ଟାଇଟ୍ ଡବାରେ ସାଇତି ରଖନ୍ତୁ । ଏହାର ୫-୬ ଗ୍ରାମ ଚୂର୍ଣ୍ଣକୁ ତାଜା ପାଣିରେ ଓ ମହୁ ମିଶାଇ ନିୟମିତ ଖାଆନ୍ତୁ । ଖୁବ୍ ଲାଭଦାୟକ ।

ହୃଦ୍ ରୋଗ: ଏଥିରେ ଭିଟାମିନ୍ ବି-୬ ଭରପୁର ମାତ୍ରାରେ ରହିଥାଏ, ଯାହା ଫଳରେ ହୋମୋସିଷ୍ଟିନ୍ କେମିକଲ ସ୍ତର କମ କରିବାରେ ସହାୟକ ହୋଇଥାଏ । ଏହା ଦ୍ୱାରା ହୃଦୟ ସୁସ୍ଥ ରହେ ଓ ହୃଦୟ ରୋଗ ସମ୍ଭାବନାକୁ କମ୍ କରିଥାଏ ।

ଭିଟାମିନ୍ ଡି'ରେ ଭରପୁର: ଭିଟାମିନ୍ ଡି' ଥାଇରଏଡ୍ ଗ୍ରନ୍ଥି, ଦାନ୍ତ, ଅସ୍ଥି, ନାକ ଓ ତ୍ୱଚାକୁ ସୁସ୍ଥ ରଖିବାରେ ବହୁତ ଆବଶ୍ୟକ ହୋଇଥାଏ । କନ୍ଦମୂଳରେ ଭିଟାମିନ୍ ଡି' ପ୍ରଚୁର ପରିମାଣ ରହିଥାଏ । ଏଥିପାଇଁ ଏହା ଶରୀର ପୋଷଣ ପାଇଁ ଉତ୍ତମ ରହିଥାଏ ।

ପ୍ରତିରୋଧକ କ୍ଷମତା ବଢ଼ିଥାଏ: ଆଇରନ ଶରୀରରେ ଶକ୍ତି ସ୍ତର ବଜାୟ ରଖିଥାଏ ଓ କନ୍ଦମୂଳରେ ଆଇରନ ଭରପୁର ମାତ୍ରାରେ ରହିଥାଏ । ଏଥିପାଇଁ ଶରୀରରେ ପ୍ରତିରୋଧକ କ୍ଷମତାକୁ ବଢ଼ିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ, କନ୍ଦମୂଳ ଧଳା ଓ ଲାଲ ରକ୍ତ କୋଷିକାର ଉତ୍ପାଦନରେ ସୁଧାର ଆଣିଥାଏ ।

## ଅଦାର କ୍ଷମତା

**ଆ**ୟୁର୍ବେଦରେ ଅଦାକୁ ମହୌଷଧି ଭାବେ ବର୍ଣ୍ଣନା କରାଯାଇଛି । ଦୈନିକ ଅନ୍ୟ ମିଶ୍ରିତ ଚା' ପିଇଲେ ଏହା ଭୋକ ବଢ଼ାଇବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି କରେ । ବିଶେଷଜ୍ଞଙ୍କ ମତରେ ଅଦା ଖାଦ୍ୟର ସ୍ୱାଦ ବଢ଼ାଇଥାଏ । ଅନ୍ୟ ଋତୁ ତୁଳନାରେ ଶୀତରେ ଏହାକୁ ଅଧିକ ବ୍ୟବହାର କରନ୍ତୁ । ଥଣ୍ଡା କାଶ, ବଦହଜମ ସମସ୍ୟା ଦୂର କରିବା ସହ ପେଟ ସଫା ରଖିଥାଏ ଅଦା ।



ଭୋକ ନ ହେଉଥିଲେ ନିୟମିତ ଭାବେ ଅଦା ଚୁନାଚୁନା କାଟି ତାହାକୁ ସାଲାଡ୍ ଭାବେ ନଚେତ୍ ଅନ୍ୟ କୌଣସି ବ୍ୟଞ୍ଜନରେ ମିଶାଇ ଖାଇ ପାରିବେ । ୧ ସପ୍ତାହ ଏହିପରି କଲେ ଭୋକ ହେବା ସହ ପେଟ ମଧ ପରିଷ୍କାର ହୁଏ ।

ଦୈନିକ ଅଦା ଛେଚା ଚା' ପିଇଲେ ମାଇଗ୍ରେନ୍ ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଜ୍ୱର, ମୁଣ୍ଡବିନ୍ଧା, ଛିଙ୍କ ଇତ୍ୟାଦିରୁ ଆରାମ ପାଇବାକୁ ଚାହୁଁଥିଲେ ଅଦା ଚା' ପିଇବା ଖୁବ୍ ଲାଭକାରୀ ।

କୋଷ୍ଠକାଠିନ୍ୟ ରୋଗୀ ନିୟମିତ ଅଦା ଛେଚା ଉଷୁମ ପାଣି ପିଇଲେ ସମସ୍ୟା ଦୂର ହୋଇଥାଏ ।

## ସ୍ୱାସ୍ଥ୍ୟକାରୀ କମଳା

**କ**ମଳା ଏକ ପ୍ରସିଦ୍ଧ ଫଳ ଅଟେ । କମଳାରେ ବିଭିନ୍ନ ଭିଟାମିନ୍ ପ୍ରଚୁର ପରିମାଣର ମିଳିଥାଏ । ତେବେ ଯଦି ଏହି ଫଳକୁ ପ୍ରତିଦିନ ଖିଆଯାଏ ଏହା ଆମ ଶରୀରକୁ ବିଭିନ୍ନ ରୋଗରୁ ଦୂର କରିବାରେ ସହାୟତା ହୁଏ । ଆପଣ ଚାହିଁଲେ ଏହି ଫଳକୁ ଚୋପା ଛଡ଼ାଇ ଖାଇ ପାରିବେ କିମ୍ବା ଏହାର ଜୁସ୍ କରି ମଧ ପିଇପାରିବେ ।



ଥଣ୍ଡା ଓ କଫ ଦୂର ହୁଏ କମଳାରେ ଭିଟାମିନ 'ସି' ଅଧିକ ପରିମାଣ ରହିଥାଏ ଏବଂ ଏହି ଭିଟାମିନ୍ ଥଣ୍ଡା ଓ କଫ ଭଳି ରୋଗକୁ ଆମ ଶରୀର ଠାରୁ ଦୁରେଇ ରଖେ । ଏହି କାରଣରୁ ଯେଉଁମାନଙ୍କ ଶରୀରରେ ଥଣ୍ଡା ଓ କଫ ଭଳି ସମସ୍ୟା ରହିଛି ସେମାନେ ପ୍ରତିଦିନ ଏହି ଫଳ ଖାଇବା ନିଶ୍ଚିତ ଆବଶ୍ୟକ । ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ ଏହି ଫଳରେ ଥିବା ହେସ୍ପରିଡିନ୍ ଏବଂ ମ୍ୟାନେିୟମ ଶରୀରର ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ ।

କ୍ୟାନ୍ସରରୁ ରୋଗରୁ ଦୁରେଇ ରଖିଥାଏ : ଶରୀରରେ ଥିବା 'ଲାଇମେନିନ୍' ଯାହା କ୍ୟାନ୍ସରର ସେଲ ଅଟେ, ଏହି ଫଳ ଖାଇବା ଦ୍ୱାରା ଏହା 'ଲାଇମେନିନ୍' ସେଲକୁ ବୃଦ୍ଧି କରିବାରୁ ବଞ୍ଚିତ କରିଥାଏ ।

## ଚର୍ବି ଅଂଶ କମାଇବାର ସହଜ ଉପାୟ

ଆମ ଶରୀରରେ ଚର୍ବି ଅଂଶ ସନ୍ତୁଳିତ ରହିବା ନିହାତି ଦରକାର । ନ ହେଲେ ତାହା ମେଦବହୁଳତା ବା ଓବେସିଟି ପରି ସମସ୍ୟାକୁ ଡାକି ଆଣିଥାଏ । ତେବେ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ଏକ ସହଜ ତଥା ସରଳ ଉପାୟ ରହିଛି । ତାହା ପୁଣି ହାତପାହାନ୍ତାରେ । ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଶଜନା ଶାଗ ସାମିଲ କରନ୍ତୁ । ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଚର୍ବି ଅଂଶକୁ ଅନେକାଂଶରେ କମାଇଥାଏ । ଏହାବ୍ୟତୀତ ଶଜନା ଶାଗର ଆଉ କେତେକ ଉପକାରୀ ଗୁଣ ରହିଛି । ଏଥୁରେ କ୍ୟାଲ୍‌ସିୟମ୍, ପୋଟାସିୟମ୍, ଆଇରନ୍ ସମେତ



ଭିଟାମିନ୍-ଏ; ସି ଏବଂ ଇ ଭରି ରହିଛି । ଜଣେ ଯକ୍ଷ୍ମା ରୋଗୀ ଏହାକୁ ନିୟମିତ ଖାଇପାରନ୍ତି । ଏଥିରେ ଏଭଳି ଉପକାରୀ ଗୁଣ ଭରି ରହିଛି, ଯାହା ଅସ୍ଥିକୁ ମଜଭୁତ ରଖେ । ସବୁଠାରୁ ଖାସ୍ କଥା ହେଲା ପ୍ରତିଦିନ ଶଜନା ଶାଗ ଖାଇଲେ ତାହା ହଜମ ପ୍ରକ୍ରିୟାକୁ ଆହୁରି ସକ୍ରିୟ ରଖେ ।

## ହୃଦ୍‌ଜନିତ ସମସ୍ୟାକୁ ଦୂର କରେ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ଭିଟାମିନ୍ 'ଏ' ଏବଂ ଭିଟାମିନ୍ 'ସି'ର ପ୍ରମୁଖ ଉତ୍ସ ହେଉଛି ଅମୃତଭଣ୍ଡା । ଯଦି ଜଣେ ବ୍ୟକ୍ତି ଏହାକୁ




ନିଜର ନିୟମିତ ଖାଦ୍ୟ ତାଲିକାରେ ସାମିଲ କରନ୍ତି ତେବେ ତାହା ଉପକାରୀ ସାବ୍ୟସ୍ତ ହୋଇଥାଏ । ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରତିଦିନ ଅମୃତଭଣ୍ଡା ଖାଇଲେ ତାହା ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ । କେବଳ ସେତିକି ନୁହେଁ, ପାଚନକ୍ରିୟାକୁ ମଧ ଦୃଢ଼ କରିଥାଏ । ତା' ସହ ଏହାକୁ ନିୟମିତ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

## ହିତକର ପୋଇ

**ପୋ**ଇ ଶୀତଳ, ରୁଚିକର । ତରଳ ଝାଡା, ରକ୍ତହୀନତା ତଥା ରକ୍ତ କର୍କଟ ରୋଗରେ ଲଟା ପୋଇ ବିଶେଷ କାମରେ ଆସିଥାଏ ।

**ବୁଢ଼ା ହେବାକୁ ଦିଏନି :** ପୋଇରେ ରହିଥିବା ବିଟା କାରୋଟିନ୍, ଲ୍ୟୁଟିନ୍, ଜେକ୍ସାଥିନ ନାମକ ରାସାୟନିକ ତତ୍ତ୍ୱ ବୃଦ୍ଧ ଅବସ୍ଥାରେ ରୋଗ ପ୍ରତିରୋଧକ



କ୍ଷମତାକୁ ବୃଦ୍ଧି କରିଥାଏ । ଏଥିପାଇଁ ବୃଦ୍ଧ ଅବସ୍ଥାରେ ପୋଇ ଖାଇବା ଉଚିତ ।

**ତ୍ୱଚାରେ ଚମକ :** ଶୀତଦିନିଆ ଲଟା ପୋଲରେ ରହିଥିବା ଭିଟାମିନ୍ ଏ' ଶରୀରରେ ଥିବା ଶ୍ଲେଷ୍ମା ଝିଲିକୁ ସୁସ୍ଥ ରଖିବା ସହିତ ତ୍ୱଚାରେ ଚମକ ଆଣିବାରେ ସହାୟକ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ୧୮୫୩ ମସିହା ଏପ୍ରିଲ ୧୬ ତାରିଖରେ ମୁମ୍ବାଇ - ଠାଣେ ମଧରେ ପ୍ରଥମ ଟ୍ରେନ୍ ଚଳାଚଳ ହୋଇଥିଲା ।
- ୧୯୮୪, ଅକ୍ଟୋବର ୨୪ ତାରିଖରେ ସର୍ବପ୍ରଥମେ କଲିକତା ଠାରେ ଭୂମିରେ ଚାଲୁଥିବା ମେଟ୍ରୋ ରେଳ ଚଳାଚଳ ଆରମ୍ଭ ହୋଇଥିଲା ।
- ଭାରତର ବର୍ତ୍ତମାନ ଚେନାବ୍ ନଦୀ ଉପରେ ତିଆରି କରାଯାଉଥିବା ପୋଲ ହେଉଛି ପୃଥିବୀର ସବୁଠୁ ଉଚ୍ଚ ରେଳ ପୋଲ । ଏହାର ଉଚ୍ଚତା କୁତବ୍ ମିନାରଠାରୁ ପ୍ରାୟ ୫ ଗୁଣ ଅଧିକ ।
- 'ମେଟୁପଲାୟମ୍ ଉଟି ନୀଳଗିରି ପାସେଞ୍ଜର' ହେଉଛି ଭାରତର ସବୁଠୁ ମନ୍ଥର ବେଗରେ ଗତି କରୁଥିବା ଟ୍ରେନ୍ । ଏହା ପ୍ରତି ଘଣ୍ଟାକୁ ୧୦ କି.ମି ଗତି କରିଥାଏ ।
- ସବୁଠୁ ତୀବ୍ର ବେଗରେ ଗତି କରୁଥିବା ଟ୍ରେନ୍ ହେଉଛି 'ନୂଆଦିଲ୍ଲୀ ଭୋପାଳ ଶତାବ୍ଦୀ ଏକ୍ସପ୍ରେସ୍' । ଏହା ନୂଆଦିଲ୍ଲୀରୁ ଭୋପାଳ ମଧରେ ଥିବା ୭୪୦ କି.ମି ଦୂରତାକୁ ମାତ୍ର ୭ ଘଣ୍ଟା ୫୦ ମିନିଟରେ ଅତିକ୍ରମ କରିଥାଏ ।
- ଜର୍ମାନୀ ୨୦୧୪ ଫିଫା ବିଶ୍ୱକପ ଜିଣିଥିଲା ।
- ମହାଭାରତରେ କୃଷ୍ଣଙ୍କର 'ସାରଙ୍ଗ' ନାମକ ଧନୁ ଥିଲା ।
- ରାମାନୁଜଙ୍କୁ ବିଶିଷ୍ଟ ଅଦ୍ୱୈତ ଦର୍ଶନର ଉପସ୍ଥାପକ ବୋଲି ବିଚାର କରାଯାଏ ।
- ପ୍ରଥମ ଟଙ୍କା (ରୁପି) ଶେରଶାହା ପ୍ରବର୍ତ୍ତନ କରିଥିଲେ ବୋଲି କୁହାଯାଏ ।
- ୧୮୧୩ ର ସନନ୍ଦ ଆଇନ ଅନୁସାରେ ଭାରତରେ ବ୍ରିଟିଶ ଶାସନର ସର୍ବୋଚ୍ଚ କର୍ତ୍ତା ହେଲେ ଫୋର୍ଟ ଉଇଲିୟମର ଗଭର୍ଣ୍ଣର ଜେନେରାଲ ।

## କହିପାରିବେ କି ?

(୧) ଟେଲିଫୋନ ଉଦ୍ଭାବନ କିଏ କରିଥିଲେ ?
(୨) କେଉଁ ରାଜାଙ୍କୁ ଚଣ୍ଡାଳ ରାଜା କୁହାଯାଏ ?
(୩) ଓଡ଼ିଶାର କେଉଁ ନୃତ୍ୟାଙ୍ଗନା ବିଦେଶରେ ପ୍ରଥମେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ ?
(୪) ଓଡ଼ିଶାର ପ୍ରଥମ ଖବରକାଗଜ କ'ଣ ?
(୫) ହିନ୍ଦୁ ପୁରାଣ ଅନୁସାରେ ଶନିଙ୍କ ପିତାଙ୍କ ନାମ କ'ଣ ?
(୬) ମହାଭାରତରେ ଗଙ୍ଗା କାହାର ଧର୍ମପତ୍ନୀ ?
(୭) ସମୁଦ୍ର ମନ୍ଥନରୁ ବାହାରିଥିବା ବିଷକୁ କେଉଁ ଦେବତା ପାନ କରିଥିଲେ ?
(୮) ଗଣେଶଙ୍କୁ ଏକଦନ୍ତ କୁହାଯାଏ । ତେବେ ଗୋଟିଏ ଦାନ୍ତ କିଏ ଭାଙ୍ଗିଥିଲେ ?
(୯) ଅର୍ଜୁନଙ୍କ ଧନୁର ନାମ କ'ଣ ?
(୧୦) ପଦ୍ମିନୀ ରାଉତ କେଉଁ ଖେଳାଳି ?

### JUMBLE WORDS

| | | | |
|---|---|---|---|
| 1) GRAWE | = | 6) CYTKA | = |
| 2) SEHSC | = | 7) BSARBO | = |
| 3) TRYMOS | = | 8) EDMIEP | = |
| 4) COYNTO | = | 9) RBTEE | = |
| 5) LAACN | = | 10) TALGO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ତାମୁ ମାସିଙ୍ଗ୍, ୨.ହାରମୋନିୟମ ଧ୍ୱନିପରି ୩.ଆସାମ, ୪.ଲାଲା ଲଜପତ ରାଏ, ୫.ସରୋଜିନୀ ନାଇଡୁ, ୬. ସୁବାଷ ଚନ୍ଦ୍ର ବୋଷ, ୭.୧୯୧୧, ୮.ସତ୍ୟମ୍, ୯.କୁନ୍ଦନ ସାହା, ୧୦.୧୪୫ ।

***Jumble Words*** ର ଉତ୍ତର **:-**

(1) GIDDY (2) SUNSET (3) UTMOST (4) WORLD (5) LOCAL (6) SLEIGH (7) WAFFLE (8) WEAVE (9) PUNCH (10) CAT

## ଓପିଏମ୍ କର୍ତ୍ତୃପକ୍ଷଙ୍କ ହାତରୁ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ବ୍ୟବସ୍ଥାନୁଯାୟୀ ଯେଉଁ ଉଦ୍ଦେଶ୍ୟରେ ଲିଜ ପ୍ରଦାନ କରାଯାଇଥାଏ ସେହି ଉଦ୍ଦେଶ୍ୟରେ ଲଗାତାର ତିନି ବର୍ଷ ଧରି ଜମିର ବ୍ୟବହାର କରା ନ ଗଲେ ଲିଜ୍ ରଦ୍ଦ ହୋଇଯିବାର ନିୟମ ରହିଛି ।

ଲିଜଭୁକ୍ତ ଜମି ମଧ୍ୟରୁ ଅଧିକାଂଶ ଜମି ଯେଉଁ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ତାହାର ଅନୁପାଳନ ହୋଇନାହିଁ । ଲିଜଭୁକ୍ତ ଜମିକୁ ଦୀର୍ଘ ୨୦ ବର୍ଷରୁ ଅଧିକ ହେଲା ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହାର କରା ନ ଯିବା ସହ ଜମିର ଏକ ବୃହତ୍ ଭାଗ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ସର୍ତ୍ତର ଉଲ୍ଲଙ୍ଘନ କରାଯାଇଛି ବୋଲି ତହସିଲଦାର ଜାରି କରିଥିବା ନୋଟିସରେ ଉଲ୍ଲେଖ କରିଛନ୍ତି । ଜାରି ନୋଟିସ ଅନୁଯାୟୀ ବ୍ରଜରାଜନଗର ମୌଜାର ସମୁଦାୟ ୬ଟି ଖାତାର ୬୦୪ଟି ପ୍ଲଟରେ ୮୪୩.୧୦୨ ଏକର ଜମି ଓପିଏମ୍ କର୍ତ୍ତୃପକ୍ଷଙ୍କ ହାତରେ ରହିଛି । କାଗଜ କଳ ବନ୍ଦ ହେବା ପରେ ଏଠାରୁ ଯନ୍ତ୍ରପାତି ମଧ୍ୟପ୍ରଦେଶର ଅମଲାଇ ଠାରେ ଥିବା ଅନ୍ୟ ଏକ କାଗଜକଳକୁ ସ୍ଥାନାନ୍ତର କରିବାର ପ୍ରୟାସକୁ ସ୍ଥାନୀୟ ଶ୍ରମିକ ସଂଗଠନ ଏବଂ ବ୍ରଜରାଜନଗରବାସୀ ତୀବ୍ର ବିରୋଧ କରିଆସିଛନ୍ତି । ଓପିଏମ୍ କର୍ତ୍ତୃପକ୍ଷ ସରକାରଙ୍କ ଚାପରେ ବହୁବାର ବିକଳ୍ପ ଶିଳ୍ପ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ । ଏଠାରେ କେତେବେଳେ ସିମେଣ୍ଟ କାରଖାନା ତ ଆଉ କେତେବେଳେ ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ଲାଗି ପ୍ରଚାର ହୋଇଥିଲା । ଆଉ ନିର୍ବାଚନ ଆସିଲେ ନେତାମାନେ ବି ଲୋକଙ୍କୁ ଭ୍ରମିତ କଲା ଭଳି ଏଭଳି ଅପପ୍ରଚାରକୁ ଜୋର କରାଇଥିଲେ ।

ଦୁଇ ବର୍ଷ ତଳେ ରାଜ୍ୟ ସରକାର ୯ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗିଲ ଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଇଏସ୍‌ଡବ୍ଲୁସିଏ) ପକ୍ଷରୁ ଅନୁମୋଦନ ପ୍ରଦାନ କରିଥିଲେ । ଯେଉଁଥିରେ ବ୍ରଜରାଜନଗର ଓରିଏଣ୍ଟ କାଗଜକଳ ସ୍ଥାନରେ ଓରିଏଣ୍ଟ ପେପର୍ ଆଣ୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ପ୍ରସ୍ତାବିତ ୧୨୦ ଟିପିଡି କ୍ଲୋରୋ ଆଲକାଲି କମ୍ପ୍ଲେକ୍ସ ଅନ୍ତର୍ଭୁକ୍ତ ଥିଲା । ଏହି ପ୍ରକଳ୍ପ ଲାଗି ୧୬୨ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବାକୁ ଥିବା ବେଳେ ୩୩୮ରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି କୁହାଯାଇଥିଲା । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସେ ସମୟରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା । ମାତ୍ର ଏହି ପ୍ରକଳ୍ପକୁ ଅନୁମୋଦନର ଦୀର୍ଘ ବର୍ଷ ବିତି ଯାଇଥିଲେ ହେଁ କୌଣସି ପ୍ରକାର ଅଗ୍ରଗତି ଏଯାଏଁ ହୋଇନାହିଁ । ବିଧାୟକ ସ୍ୱର୍ଗତ କିଶୋର ମହାନ୍ତି ଏହି ବିକଳ୍ପ ଶିଳ୍ପ ପ୍ରତିଷ୍ଠା ନ ହେଲେ ଓପିଏମ୍ ପାଇଁ ବିର୍ଲା କମ୍ପାନିକୁ ମିଳିଥିବା ଲିଜ୍ ଜମି ରଦ୍ଦ କରାଯାଇ ଜମି ସରକାର ଫେରସ୍ତ ଆଣିବାକୁ ବିଧାନସଭା ଭିତରେ ଏବଂ ବାହାରେ ଦାବି ଉପସ୍ଥାପନ କରି ଆସିଥିଲେ । ଅନ୍ୟାନ୍ୟ ଫୋରମରେ ମଧ ଜମି ଲିଜ୍ ରଦ୍ଦ କରାଯାଇ କମ୍ପାନି ହାତରୁ ଜମି ଫେରାଇ ଆଣିବା ଲାଗି ସରକାରଙ୍କ ଉପରେ ଚାପ ପ୍ରୟୋଗ ହୋଇଛି ।

ଇତି ମଧ୍ୟରେ ରାଜ୍ୟ ସରକାର ଏହାକୁ ନିଯୁକ୍ତି ଭିତ୍ତିକ ପ୍ରକଳ୍ପ ଲାଗି ପୁନଃ ବ୍ୟବହାର କରାଯିବା ନେଇ ଏକ ରିପୋର୍ଟ ଦେବାକୁ ଝାରସୁଗୁଡ଼ା ଜିଲ୍ଲାପାଳ ଏବଂ ଇଡକୋକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ଦିଗରେ ବୃହତ୍ତର ଜନସ୍ୱାର୍ଥକୁ ନଜରରେ ରଖି ଖାଲି ପଡିଥିବା ସ୍ଥାନରେ ନିଯୁକ୍ତି ଭିତ୍ତିକ ପ୍ରକଳ୍ପ ସ୍ଥାପନ ଦିଗରେ ରାଜ୍ୟ ସରକାର ବିକଳ୍ପ ଦିଗକୁ ବିଚାର କରିବେ । ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଏବଂ ଇଡକୋ ଏହି କାମକୁ ଗୋଟିଏ ମାସରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଶିଶୁ ସୁରକ୍ଷା ସମ୍ପର୍କିତ ଜିଲ୍ଲାସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ

ଝାରସୁଗୁଡ଼ା : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କୁ ଶିଶୁ ସୁରକ୍ଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ସକାଶେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି, ଅତିରିକ୍ତ ପୁଲିସ ଅଧୀକ୍ଷକ ନାରାୟଣଚନ୍ଦ୍ର ବାରିକ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଶିଶୁ ସୁରକ୍ଷା ସମ୍ପର୍କିତ ଆଇନ୍, ବାଲ୍ୟବିବାହ ନିରୋଧ ଆଇନ, ପୀଡ଼ିତା ପ୍ରତିକାର ଯୋଜନା ଓ ଏହାର ରୂପରେଖ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ଏମିତି ମାମଲାରେ ପୁଲିସ ଭୂମିକା, ପୋଷ୍ୟ ସନ୍ତାନ ଗ୍ରହଣରେ ଆଇନଗତ ବ୍ୟବସ୍ଥା, କିଶୋର ନ୍ୟାୟ ବୋର୍ଡ଼ ସହ ପୁଲିସ ମଧ୍ୟରେ ସମନ୍ୱୟ ରଖିବା ଉପରେ ବିଶେଷ ଭାବରେ ସଚେତନ କରାଯାଇଥିଲା । ଶିଶୁ କଲ୍ୟାଣ ବୋର୍ଡ଼ର ଅଧକ୍ଷ ଆଶିଷ ପଣ୍ଡା, ମମତା ଦାସ, ମମତା ତ୍ରିପାଠୀ, ସଂଯୁକ୍ତା ମହାପାତ୍ର, ଡିଏସପି ଜୋସ୍ନାମୟୀ ପ୍ରଧାନ, ବିମଳଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ସମୀର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବର୍ଣ୍ଣପୁରରେ 'ମୋ ଦଳ' ପକ୍ଷରୁ ବୈଠକ

ସୁବର୍ଣ୍ଣପୁର : 'ମୋ ଦଳ' ପକ୍ଷରୁ ସୁବର୍ଣ୍ଣପୁରର ଏନଜିଓସିସି ହଲ୍ ଠାରେ ପ୍ରଥମ ସାଂଗଠନିକ ବୈଠକ ଅନୁଷ୍ଠିତ ହେଇଥିଲା । ଏଥିରେ ମୋ ଦଳର ରାଜ୍ୟ ଉପସଭାପତି ରାଜେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଆବାହକ ପ୍ରଦ୍ୟୁମ୍ନ ପାଢ଼ୀ ଆଗାମୀ ଦିନରେ ରାଜ୍ୟ ର ୧୪୭ ଟି ବିଧାନସଭା ମଣ୍ଡଳୀ ସହ ଜିଲ୍ଲାର ଦୁଇ ନିର୍ବାଚନ ମଣ୍ଡଳୀରେ ସଂଗଠନକୁ ମଜବୁତ୍ କରି ଚାଷୀ ପ୍ରତିନିଧିଙ୍କୁ ବିଧାନସଭାକୁ ପଠାଇବା ପାଇଁ ଆହ୍ୱାନ ଦେଇଥିଲେ । ଶୀଘ୍ର ଉଭୟ ନିର୍ବାଚନ ମଣ୍ଡଳୀ ପାଇଁ ଚାଷୀଙ୍କ ସମର୍ଥିତ ସମସ୍ତଙ୍କ ଗ୍ରହଣଯୋଗ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବା ନେଇ ଆଲୋଚନା ହୋଇଥିଲା । ସଭା ରେ ବରିଷ୍ଠ ଚାଷୀ ବୃନ୍ଦାବନ ପ୍ରଧାନ, ଗୋପାଲଜୀ ଗଡୁଆ, ରାଜେନ୍ଦ୍ର ପାଢ଼ୀ, ବୈକୁଣ୍ଠ ଶତପଥୀଙ୍କ ସମେତ ସବୁ ବ୍ଲକ୍ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

## ଆଇନ ସଚେତନତା ଶିବିର

ସୋନପୁର : ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ପଦ୍ମିନୀ ଦେବୀ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ କୁମୁଦିନୀ ମୁଦୁଲି ଯୋଗ ଦେଇ ଏସିଡ୍ ପୀଡିତଙ୍କୁ ଆଇନଗତ ସହାୟତା ଆଇନ ଉପରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଏହି ଶିବିରରେ ଅନ୍ୟମାନଭ୍କ ମ୍ଧରେ ଚନ୍ଦ୍ରଶେଖର ଶବର ଯୋଗ ଦେଇ ଭାରତୀୟ ପିଙ୍ଗଳ ଧାରା ଅନୁଯାୟୀ ପୀଡିତ କ୍ଷତିପୂରଣ ଆଇନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦ୍ମିନୀ ଦେବୀ ଉଚ୍ଚ ମାଧମିକ ବିଦ୍ୟାଳୟ ସୋନପୁରର ଅଧକ୍ଷ ବଳଭଦ୍ର ସିଂ, ପ୍ରାଧାପକ ରାମ ନାରାୟଣ ପାଣିଗ୍ରାହୀ ଯୋଗ ଦେଇଥିଲେ । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ସିଦ୍ଧାନ୍ତ କୁମାର ବାଘ, କମଳା ଲୋଚନା ବେହେରା, ଅନାମ ସାହୁ, ବେଣୁଧର ମଲ୍ଲିକ ଏବଂ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

### ଅଇତାପାଲିରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ବଣ୍ଟନ ଶିବିର

ଝାରସୁଗୁଡ଼ା : ଲଇକେରା ବ୍ଲକ ଅଇତାପାଲି ଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତି ମିଞ୍ଜ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ସଞ୍ଜିତ କୁମାର ନାଏକ ଓ ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

## ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୪୨ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୭ ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା । ୧୭ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଶିବିରରେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ର ୮ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ମଧୁବାବୁ ପେନସନ ଯୋଜନା ମାଧମରେ ଜିଲ୍ଲାପାଳ ଙ୍କ ଦ୍ୱାରା ପ୍ରଥମ କିସ୍ତି ଭତ୍ତା ପ୍ରଦାନ କରାଯାଇଥିଲା । ଉଲୁଣ୍ଡା ବିଡିଓ କରିଶ୍ମା ବେଶ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଭାରପ୍ରାପ୍ତ ଉପଜିଲ୍ଲାପାଳ ବୀରମହାରାଜପୁର ,ସନତ କୁମାର ନାୟକ, ଅବକାରୀ ଆରକ୍ଷୀ ଅଧିକ୍ଷକ ସୁମତି ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ , ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ , ଜିଲ୍ଲା କୃଷି ଅଧିକାରୀ ବିଭୂତି ଭୂଷଣ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କ୍ଷିରୋଦ ବିଶ୍ୱାଳ ,ତହସିଲଦାର ଉଲୁଣ୍ଡା ଦିଲ୍ଲିପ ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

## ରେଙ୍ଗାଲିରେ ବିଡ଼ି ଡାକ୍ତରଖାନା କେବେ ହେବ ?

ସମ୍ବଲପୁର : ରେଙ୍ଗାଲିରେ କେନ୍ଦ୍ର ଶ୍ରମମନ୍ତ୍ରଣାଳୟ ପକ୍ଷରୁ ପ୍ରତିଷ୍ଠା ହେବାକୁଥିବା ୫୦ ଶଯ୍ୟା ବିଶିଷ୍ଟ ବିଡି କାରିଗର ଡାକ୍ତରଖାନା ଫାଇଲ କେନ୍ଦ୍ର ଶ୍ରମ ସଚିବଙ୍କ ଦପ୍ତରରେ ଗତ ୧୦ ବର୍ଷ ହେଲା ପଡ଼ିଛି । ଜିଲ୍ଲାରେ ଲକ୍ଷାଧିକ ବିଡି କାରିଗର ଥାଇ ସୁଦ୍ଧା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ରେଙ୍ଗାଲିରେ ପ୍ରସ୍ତାବିତ ବିଡି କାରିଗର ଡାକ୍ତରଖାନା ଫାଇଲ୍ ଉପରେ ମୋଟା ଅଳନ୍ଧୁ ଜମାଟ ବାନ୍ଧିଛି । ଜିଲାର ରେଙ୍ଗାଲି, ପରମାଣପୁର ଏବଂ ସମ୍ବଲପୁର ସହରାଞ୍ଚଳରେ ୨ଲକ୍ଷ ୪୫ ହଜାର ପଞ୍ଜିକୃତ ବିଡି କାରିଗର ବିଭିନ୍ନ କମ୍ପାନୀର ବିଡି ତିଆରି କରୁଛନ୍ତି । ପଞ୍ଜିକୃତ ବିଡିକାରିଗର ବ୍ୟତୀତ ଅଣପଞ୍ଜିକୃତ କାରିଗରଙ୍କ ସଂଖ୍ୟା ପ୍ରାୟ ଦେଢ ଲକ୍ଷ କ୍ଷ ରେଙ୍ଗାଲି ବ୍ଲକ ଅଞ୍ଚଳରେ ୧ଲକ୍ଷରୁ ଊର୍ଦ୍ଧ୍ୱ କାରିଗର ଅଛନ୍ତି । ବିଡି ତିଆରି କାମ ଯୋଗୁଁ କାରିଗରଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପଡୁଛି । ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ସକାଶେ ସମ୍ବଲପୁର ଜିଲ୍ଲାରେ ୫୦ ଶଯ୍ୟା ବିଶିଷ୍ଟ ବିଡି ଡାକ୍ତରଖାନା ପ୍ରତିଷ୍ଠା ପାଇଁ ୨୦୧୦ ମସିହା ଜୁନ ୨୧ ତାରିଖ ଦିନ ଭୁବନେଶ୍ୱର ସ୍ଥିତ କେନ୍ଦ୍ର ସରକାରଙ୍କ ଓ୍ୱେଲ୍‌ଫେଆର୍ ଏଣ୍ଡ ସେସ୍ କମିଶନର କାର୍ଯ୍ୟାଳୟରେ ଅନୁଷ୍ଠିତ ବିଡି ଶ୍ରମିକ କଲ୍ୟାଣ ପାଣ୍ଠି ପରାମର୍ଶଦାତା କମିଟୀର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ୧୬ ଜୁଲାଇ ୨୦୧୦ ପତ୍ର ସଂଖ୍ୟା ୧୧୭/୫୬/୪/୨୧୦ ରେ ଓ୍ୱେଲ୍‌ଫେଆର୍ ଏଣ୍ଡ ସେସ୍ କମିଶନର ଜେ.ଏମ୍ ଶର୍ମା ସମ୍ବଲପୁର ଜିଲାପାଳଙ୍କୁ ସମ୍ବଲପୁରରେ ବିଡି ଶ୍ରମିକ ପାଇଁ ୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା ସକାଶେ ଜମି ଯୋଗାଇ ଦେବାକୁ ଚିଠି କରିଥିଲେ । କମିଶନରଙ୍କ ଚିଠି ପାଇଲା ପରେ ତତ୍କାଳୀନ ଜିଲ୍ଲାପାଳ ରେଙ୍ଗାଲି ମୌଜାର ରାମାପଡ଼ାରେ ଖାତା ନମ୍ବର ୫୦୨ପ୍ଲଟ୍ ନମ୍ବର ୪୦୪୬ ର ୨୦ ଏକର ପତିତ କିସମ ଜମି ଚିହ୍ନଟ କରି ଆବଶ୍ୟକ ନକ୍ସା ଏବଂ ଅନ୍ୟ କାଗଜାତ ନଥି ୨୦୧୦ ଅଗଷ୍ଟ ୨୪ତାରିଖ ଚିଠି ନମ୍ବର ୪୨୮୦ରେ ଡାକ୍ତରଖାନା ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ରେଙ୍ଗାଲିରେ ବିଡି ଶ୍ରମିକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ହେଲା ପରେ ଓ୍ୱେଲ୍‌ଫେଆର୍ ଏଣ୍ଡ୍ ସେସ୍ କମିଶନର ଏସଂକ୍ରାନ୍ତୀୟ ସମସ୍ତ ଦସ୍ତାବିଜ୍ କେନ୍ଦ୍ର ଶ୍ରମ କଲ୍ୟାଣ ସଚିବଙ୍କ ନିକଟକୁ ପଠାଇଥିଲେ । ଇତିମଧରେ ୧୦ ବର୍ଷ ବିତିଗଲା ପରେ ମଧ ପ୍ରସ୍ତାବିତ ବିଡି କାରିଗର ଡାକ୍ତରଖାନା ଫାଇଲ୍ ନାଲିଫିତାରେ ବନ୍ଧା ହୋଇଛି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସରେ ପୁସ୍ତକ ପ୍ରଦର୍ଶନୀ



ସମ୍ବଲପୁର: ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଗୋଶାଳା ବସନ୍ତପୁରସ୍ଥିତ ସ୍ଥାୟୀ କ୍ୟାମ୍ପସରେ ପ୍ରଥମ ଥର ପାଇଁ ଏକ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଏହି ପୁସ୍ତକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । କୋଲକାତା, ବରୋଦା ବୁକ୍ କର୍ପୋରେସନ, ବିଏସ୍‌ପି ବରୋଦା, କ୍ୟାପିଟାଲ ବୁକ୍ସ, ନୂଆଦିଲ୍ଲୀର ବିଦେଶୀ ପୁସ୍ତକ ବିତରକ ଓ ଭାରତ ପୁସ୍ତକ ବିତରକମାନେ ମଧ ପ୍ରଦର୍ଶନୀରେ ପୁସ୍ତକ ପ୍ରଦର୍ଶିତ କରିଥିଲେ । ଏହି ପ୍ରଦର୍ଶନୀ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ମହିଳା ମହାବିଦ୍ୟାଳୟ, ବୁର୍ଲା କଲେଜ ସମେତ ଅନେକ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ସାମିଲ ହୋଇଥିଲେ ।



# ଗୋବିନ୍ଦପୁର ଓ ଜିରୋ ପଏଣ୍ଟରେ ନେଚର୍ ପାର୍କ ଉଦ୍‌ଘାଟିତ







ସମ୍ବଲପୁର: ହୀରାକୁଦ ଜଳଭଣ୍ଡାର ନିକଟରେ ୨ଟି ନେଚର ପାର୍କ ଉଦ୍‌ଘାଟିତ ହେବା ସହିତ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ରରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି । ଛତିଶଗଡ଼ ସୀମା ଗୋବିନ୍ଦପୁର ଠାରେ ହୀରାକୁଦ ନେଚର୍ ପାର୍କ ଏବଂ ଜିରୋ ପଏଣ୍ଟ ନିକଟରେ ଡେବ୍ରିଗଡ଼ ନେଚର ପାର୍କକୁ ରାଜ୍ୟ ବନ୍ୟପ୍ରାଣୀ ପିସିସିଏଫ୍ ସୁଶୀଲ ପୋପଲି ଉଦ୍‌ଘାଟନ କରିଛନ୍ତି । ହୀରାକୁଦ ଜଳଭଣ୍ଡାରକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ପାଇଁ ଉତ୍ତମ ପରିବେଶ ସହ ସୁରକ୍ଷା ଯୋଗାଇ ଆସୁଥିବାରୁ ୨୦୨୨ରେ ଗୋବିନ୍ଦପୁରକୁ ପକ୍ଷୀଗ୍ରାମ ଭାବେ ଘୋଷଣା କରାଯାଇଥିଲା । ସେହି ଗ୍ରାମ ଠାରେ ଅଢ଼େଇ ଏକର ଅଞ୍ଚଳରେ ଏହି ପାର୍କ ନିର୍ମାଣ ହୋଇଛି । ଗୋବିନ୍ଦପୁର ଠାରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ପକ୍ଷରୁ ପର୍ଯ୍ୟଟକଙ୍କ ବୁଲିବା ପାଇଁ ବୋଟିଂ ସହ ଆନୁସଙ୍ଗିକ ସୁବିଧା କରାଯାଇଛି । ଯେଉଁଥିରେ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ଓ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ଏହା ଗ୍ରାମବାସୀଙ୍କୁ ରୋଜଗାରର ଖୋରାକ ମଧ ଯୋଗାଇବ । ଗୋବିନ୍ଦପୁର ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଗତ ମେ' ମାସରେ ଦୁଇ ଦିନ ଚିଲିକା ହ୍ରଦକୁ ପରିଦର୍ଶନ ପାଇଁ ନିଆଯାଇଥିଲା । ଡେବ୍ରିଗଡ ଅଭୟାରଣ୍ୟର ପ୍ରବେଶ ପଥ ଜିରୋ ପଏଣ୍ଟରେ ଥିବା ଡେବ୍ରିଗଡ ପ୍ରକୃତି ପାର୍କରେ ମଧ ସମାନ ସୁବିଧା ରହିଛି । ବନ ବିଭାଗ ପରିଚାଳନା ଦାୟିତ୍ୱରେ ଥିବା ବେଳେ ସେଠାରେ କିଓସ୍କ ଓ ବୋଟିଂ ସୁବିଧା ରହିଛି । ସେଠାରେ ଖୋଲା ଅର୍କିଡ୍ ଉଦ୍ୟାନ କାମ ଜାରି ରହିଛି ।

# ବିଶିଷ୍ଟ ପାଲାଗାୟକ ରବି ପଣ୍ଡାଙ୍କ ଦେହାନ୍ତ

ଦେବଗଡ : ବିଶିଷ୍ଟ ପାଲା ଗାୟକ ରିଆମାଳ ବ୍ଲକ ଅନ୍ତର୍ଗତ ତେନ୍ତେଲାବାହାଲ ଗ୍ରାମର ରବି ନାରାୟଣ ପଣ୍ଡାଙ୍କର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଅନ୍ତିମ ଶଯ୍ୟା ନିକଟରେ ସ୍ତ୍ରୀ ଭଗବତୀ, ୨ପୁଅ ଅରୁଣ ଓ ଅଶୋକ ତଥା ୨ ଝିଅ ଉଷାରାଣୀ ଓ ସନ୍ଧ୍ୟାରାଣୀଙ୍କ ସହ ପୁତ୍ରବଧୂ ଓ ନାତିନାତୁଣୀମାନେ ଉପସ୍ଥିତ ରହିଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡପୁଅ ଅରୁଣ ପଣ୍ଡା ମୁଖାଗ୍ନି ଦେଇଥିଲେ ।



ସ୍ୱର୍ଗତ ପଣ୍ଡା ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିକଟ କୁଟୁରୁଚୁଆଁ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ଚାକିରୀ ଆରମ୍ଭ କରିବାସହ ତେନ୍ତେଲାବାହାଲ ୟୁପି ସ୍କୁଲରୁ ଅବସର ନେବା ପରେ ପାଲା ପରିବେଷଣକୁ ଆପଣେଇଥିଲେ । ନିଜର ସ୍ୱତନ୍ତ୍ର ପାଲା ଗାୟନ ଶୈଳୀ ଯୋଗୁଁ ସେ ସମଗ୍ର ରିଆମାଳ ଓ ତିଳେଇବଣି ବ୍ଲକ ସମେତ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ବାମରା ଓ ଜମନକିରା ତଥା ଅନୁଗୁଳ ଜିଲ୍ଲାର କଣିହାଁ, ଛେଣ୍ଡିପଦା, ପାଲଲହଡା ଓ ରେଙ୍ଗାଲି ସମେତ ଉପକୂଳ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ । ଏଥିପାଇଁ ତାଙ୍କୁ ପଶ୍ଚିମ ଓଡିଶାର ଶରଣ ଉପାଧି ମିଳିଥିଲା । ସେ ସମଲେଶ୍ୱରୀ ପାଲା ପରିଷଦର ପ୍ରତିଷ୍ଠାତା ଥିଲେ । ସ୍ୱାସ୍ଥ୍ୟଗତ କାରଣରୁ ପାଲାଗାୟକରୁ ଅବ୍ୟାହତି ନେଇଥିଲେ । ତେବେ ପାଲାରୁ ଅବ୍ୟାହତି ନେବାପରେ ସେ ବିଭିନ୍ନ ଆଧାତ୍ମିକ ସାଂସ୍କୃତିକ ଓ ସାମାଜିକ ସଙ୍ଗଠନ ସହ ଜଡିତ ରହି ଜଣେ ମେଳାପି ଓ ଧର୍ମାନୁରାଗୀ ଭାବେ ଜଣାଶୁଣା ରହିଥିଲେ । ହର ହର ଶମ୍ଭୁର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଅଭିଳିପ୍ସା ପଣ୍ଡା ତାଙ୍କ ନାତୁଣୀ ଅଟନ୍ତି ।

ଶ୍ରୀ ପଣ୍ଡାଙ୍କ ବିୟୋଗରେ 'ସ୍ୱୀକାର' ସମ୍ପାଦକ ହେମନ୍ତ କୁମାର ମହାପାତ୍ର ଓ ସମଲେଶ୍ୱରୀ ପାଲା ପରିଷଦର ସଭାପତି ଶ୍ରୀ ରାଧେଶ୍ୟାମ ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଦେବଗଡ଼ ଜିଲ୍ଲା ପାଲା ଗାୟକ ସଂଘ ପକ୍ଷରୁ ପାଲା ଗାୟିକା ସରସ୍ୱତୀ କିଷାନଙ୍କ ଆବାହକତ୍ୱ ଏବଂ ଅକ୍ଷୟ ମହାପାତ୍ରଙ୍କ ସଭାପତିତ୍ୱରେ ଶ୍ରୀ ପଣ୍ଡାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରମେଶ ଚନ୍ଦ୍ର ମିଶ୍ର, ବାରକୋର୍ଟ ବ୍ଲକ ପାଲା ଗାୟକ ସଂଘର ଉପସଭାପତି ତ୍ରିପୁରାରୀ ନାୟକ, ରିଆମାଳ ବ୍ଲକ ପାଲା ଗାୟକ ସଂଘର ଉପସଭାପତି ଦୁଖୀଶ୍ୟାମ ଜ୍ୟୋତିଶ, ତିଲେବଣୀ ବ୍ଲକ ପାଲା ଗାୟକ ସଂଘର ଉପସଭାପତି ଯୁଧିଷ୍ଠିର ସାହୁ, ପାଲା ଗାୟକ ବିଦ୍ୟାଧି ଅଦାବର, ଟଙ୍କଧର ବିଶ୍ୱାଳ, କିଶୋର ବେହେରା, ଜଗବନ୍ଧୁ ସାହୁ, ଯଶୋବନ୍ତ ଖଡିରତ୍ନ, ଟଙ୍କଧର ଖଡିରତ୍ନ, ପାଲା ଗାୟିକା ସଂଯୁକ୍ତା ପ୍ରଧାନ, ବାସନ୍ତୀ ବାଗ ଓ ଭାନୁମତି ପାତ୍ର ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତି ଚାରଣ କରି ତାଙ୍କ ବିୟୋଗରେ ଓଡ଼ିଶାର ପାଲା ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ପ୍ରକାଶ କରିଥିଲେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ପ୍ରଶିକ୍ଷଣାଗାର ଉଦ୍‌ଘାଟିତ




ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସ ଏବଂ ଆପ୍ଲିକେସନ ବିଭାଗରେ ଏକ କମ୍ପ୍ୟୁଟର ପ୍ରଶିକ୍ଷଣାଗାର କୁଳପତି ପ୍ରଫେସର ବିଧୁଭୁଷଣ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ୟୁକୋ ବ୍ୟାଙ୍କର ଜୋନାଲ ମ୍ୟାନେଜର ରାଜେଶ କୁମାର, ଜୋନାଲ ଅଫିସର ସିନିୟର ମ୍ୟାନେଜର ଯୋଗେଶ ଚନ୍ଦ୍ର ନାୟକ ଏବଂ କଣ୍ଟାପାଲି ୟୁକୋ ବ୍ୟାଙ୍କ ସିନିୟର ମ୍ୟାନେଜର ବଂଶୀଧର ବିଶି ଉପସ୍ଥିତ ଥିଲେ । ସମ୍ବଲପୁର ୟୁକୋ ବ୍ୟାଙ୍କର ପ୍ରଶାସନିକ ବିଭାଗ ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନତିକରଣ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ବିଶେଷକରି ଅନୁସୂଚିତ ଜାତି/ଜନଜାତିର ଛାତ୍ରଛାତ୍ରୀଙ୍କୁ ଉନ୍ନତ କମ୍ପ୍ୟୁଟର ଦକ୍ଷତା ପ୍ରଦାନ କରିବା ଏହାର ମୂଳଲକ୍ଷ୍ୟ । କୁଳସଚିବ ଡକ୍ଟର ନୃପରାଜ ସାହୁ, ସ୍ନାତକୋତ୍ତର ସମୂହ ଅଧକ୍ଷ ପ୍ରଫେସର ସଂଯୁକ୍ତା ଦାସ, ବିଭାଗୀୟ ମୁଖ୍ୟ ଡ ଚନ୍ଦ୍ରଶେଖର ପଣ୍ଡା, ନିରନ ବୋରା, ଅମୀୟ ସାହୁ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଏମ୍‌ୟୁରେ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା



ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଆନୁକୁଲ୍ୟରେ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ହାଇଦ୍ରାବାଦର ପ୍ରଫେସର ଭେଙ୍କଟ ରାଓ ଯୋଗ ଦେଇ ଏକ ସାରଗର୍ଭକ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ମୁଖ୍ୟ ଡକ୍ଟର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍.ନାଗରାଜୁ ସ୍ୱର୍ଗତ ପତିଙ୍କ ସ୍ମୃତି ଚାରଣ କରିଥିଲେ । ଏଥିରେ ସ୍ୱର୍ଗତ ପତିଙ୍କ ପୁଅ ହିମାଂଶୁ ପତି, ଆଶିଷ ପତି ତଥା ପରିବାରବର୍ଗ ଉପସ୍ଥିତ ଥିଲେ । କୁଳସଚିବ ଯୁଗଳେଶ୍ୱରୀ ଦାସ, ଉପ-କୁଳସଚିବ ଡକ୍ଟର ଉମାଚରଣ ପତି, ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା, ପ୍ରଫେସର୍ କାଳିଦାସ ମିଶ୍ର, ପ୍ରଫେସର କାମଦେବ ସାହୁ, ଡକ୍ଟର ପ୍ରଦୀପ ପଣ୍ଡା, ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ଡକ୍ଟର ମାନସ ପୂଜାରୀ, ଡକ୍ଟର ସିକତା ପଣ୍ଡାଙ୍କ ସହ ବହୁ ଅଧାପକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଧାପକ ଡକ୍ଟର ପି ମୂରଲୀଧର ଶର୍ମା ଧନ୍ୟବାଦ ଦେଇଥିଲେ ।

# କୃଷି ମହାବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧରେ ଚୁକ୍ତିନାମା

ବୁର୍ଲା : ଚିପିଲିମା କୃଷି ଓ ଉଦ୍ୟାନ ମହାବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ମଧରେ ଜୀବ ବିଜ୍ଞାନ ପାଠ୍ୟକ୍ରମକୁ ନେଇ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଓୟୁଏଟି ଭୁବନେଶ୍ୱର ଏବଂ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ମଧରେ ଚକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଚୁକ୍ତିନାମା ଅନୁଯାୟୀ ଜୀବ ବିଜ୍ଞାନ ବିଭାଗ ମିଳିତ ଭାବରେ ବିଭିନ୍ନ ଗବେଷଣା, ସୃଷ୍ଟି, ନବୀକରଣ ଦିଗର ମିଳିତ ଭାବେ କାର୍ଯ୍ୟ କରିବେ । ଛାତ୍ରଛାତ୍ରୀଙ୍କ ମିଳିତ କିମ୍ବା ବିନିମୟରେ ପାଠଚକ୍ର, ଆଲୋଚନା ଚକ୍ର, ପ୍ରୟୋଗ ଶାଳାରେ ମିଳିତ ଶିକ୍ଷା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ମିଶି କାର୍ଯ୍ୟ କରିବେ । ଓୟୁଏଟି ତରଫରୁ ଚିପିଲିମା କୃଷି ଓ ଉଦ୍ୟାନ ମହା-ବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡକ୍ଟର କୈଳାଶ ଚନ୍ଦ୍ର ସାମଲ, ଡକ୍ଟର ରଞ୍ଜନ କୁମାର ତରାଇ, ଡକ୍ଟର ଲିଲିମୋନୀ ତ୍ରିପାଠୀ, ଡକ୍ଟର ବିଜୟ କୁମାର ସେଠୀ ଏବଂ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟ ତରଫରୁ ରେଜିଷ୍ଟ୍ରର ଡକ୍ଟର ନୃପରାଜ ସାହୁ, ପ୍ରଫେସର କାରିଆଲି ଡକ୍ଟର ସୁନନ୍ଦା ସାହୁ, ପ୍ରଫେସର ବିନ୍ମତ ନାୟକ, ପ୍ରଫେସର ଆର.କେ ବେହେରା, ଡକ୍ଟର ସ୍ମରଣିକା ପଟ୍ଟନାୟକ, ଡକ୍ଟର ଜେ ରଥ, ଡାକ୍ତର ଅଲିଭା ପଟ୍ଟନାୟକ, ଡକ୍ଟର ଏନ.କେ ଏକ୍କା, ଡକ୍ଟର ଏସ.ଏନ ପ୍ରଧାନ, ଡକ୍ଟର ଏସ.ଜେ ଏସ ରମାଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ଦୁଇ ବିଶ୍ୱବିଦ୍ୟାଳୟ ଅଧାପକ, ବୈଜ୍ଞାନିକଙ୍କ ଦ୍ୱାରା ଆଗାମୀ ବର୍ଷରେ କିପରି ଭାବେ ହୋଇଥିବା ଚୁକ୍ତିନାମାକୁ ସଫଳ ରୂପାୟନ ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଡକ୍ଟର ଚିନ୍ମୟ କୁମାର ପୁରୋହିତ ପରିଚାଳନା କରିଥିଲା ବେଳେ ଡକ୍ଟର ସୁନନ୍ଦା ସାହୁ ଧନ୍ୟବାଦ ଦେଇଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra